

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୧ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 JULY 2020

Vol.No. 30 ■ No. 163 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## ୧୮ ଜିଲ୍ଲାରୁ ସୁସ୍ଥ ହେଲେ ୨୩୪ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୩୦।୬ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ଦିନ ୧୮ଟି ଜିଲ୍ଲାରୁ ୨୪୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୫୧୮୯କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ସୁସ୍ଥ ହୋଇଥିବା ୨୪୩ଜଣଙ୍କ ମଧ୍ୟରେ ଗଜପତିରୁ ସର୍ବାଧିକ ୫୯ଜଣ ଅଛନ୍ତି । ସେହିଭଳି ଗଞ୍ଜାମରୁ ୪୧ଜଣ ସୁସ୍ଥ ହୋଇଥିବା ବେଳେ ଖୋର୍ଦ୍ଧାରୁ ୩୮ଜଣ, କନ୍ଧମାଳରୁ ୧୭ଜଣ, ଝାରସୁଗୁଡାରୁ ୧୫ଜଣ, ସୁନ୍ଦରଗଡ଼ରୁ ୧୦ଜଣ, ଭଦ୍ରକ,ଯାଜପୁର ଏବଂ କେନ୍ଦ୍ରାପଡାରୁ ୮ଜଣ ଲେଖାଏଁ ସୁସ୍ଥ ହୋଇଥିବା ବେଳେ କୋରାପୁଟରୁ ▶▶ପୃଷ୍ଠା ୭

### ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

# ନଭେମ୍ବର ପର୍ଯ୍ୟନ୍ତ ମିଳିବ ମାଗଣା ରାସନ

ନୂଆଦିଲ୍ଲୀ,୩୦।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦବୋଧନ ଦେବା ସହିତ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଅବଧି ସମ୍ପ୍ରସାରଣ ଘୋଷଣା କରିଛନ୍ତି । ଲକଡାଉନ ସମୟରେ ଦେଶର ସର୍ବୋଚ୍ଚ ପ୍ରାଥମିକତା ଥିଲା ଗରିବ ଲୋକମାନଙ୍କ ପାଇଁ ଖାଦ୍ୟସାମଗ୍ରୀର ବ୍ୟବସ୍ଥା କରିବା । ସେଥିପାଇଁ ଲକଡାଉନ ଜାରି ହେବା କ୍ଷଣି ସରକାର, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆଣିଲେ । ଏହି ଯୋଜନା ଅନ୍ତର୍ଗତ ଗରିବଙ୍କ ପାଇଁ ୧.୭୫ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଯୋଗାଇ ଦିଆଗଲା । ସେ ଉଲ୍ଲେଖ କରିଥିଲେ ଯେ, ଗତ ତିନି ମାସ ମଧ୍ୟରେ ୨୦ କୋଟି ଗରିବ ପରିବାରର ଜନଧନ ଖାତାରେ ସିଧାସଳଖ ୩୧ ହଜାର



କୋଟି ଟଙ୍କା ଜମା କରାଯାଇଛି । ଏଥିସହିତ, ଗାଁରେ ଶ୍ରମିକମାନଙ୍କୁ ରୋଜଗାର ଦେବା ଲାଗି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଦ୍ରୁତ ଗତିରେ ଆରମ୍ଭ କରାଯାଇଛି । ଏହା ଉପରେ ସରକାର ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ୯ କୋଟି କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୮ହଜାର କୋଟି ଟଙ୍କା ହସ୍ତାନ୍ତର କରାଯାଇଛି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଭାରତରେ ୮୦ କୋଟିରୁ ଅଧିକ ଲୋକମାନଙ୍କୁ ୩ ମାସର ରାସନ, ଅର୍ଥାତ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ୫ କିଗ୍ରା ଗହମ କିମ୍ବା ଚାଉଳ, ପ୍ରତି ପରିବାରକୁ ପ୍ରତ୍ୟେକ ମାସ ଏକ କିଗ୍ରା ଡାଲି ମଧ ମାଗଣାରେ ଯୋଗାଇ ଦେବା ସାରା ବିଶ୍ୱକୁ ଚକିତ କରି ଦେଇଛି । ଏହି ସମୟରେ ଯେତିକି ସଂଖ୍ୟକ ଲୋକଙ୍କୁ ମାଗଣାରେ ରାସନ ଯୋଗାଇ ଦିଆଯାଇଛି ତାହା ବିଭିନ୍ନ ବୃହତ ରାଷ୍ଟ୍ରର ଜନସଂଖ୍ୟା ଠାରୁ ବହୁଗୁଣ ହେବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମ ଦେଶରେ ବର୍ଷା ଋତୁ ସମୟରେ ଏବଂ ଏହା ପରେ ମୁଖ୍ୟତଃ କୃଷି କ୍ଷେତ୍ରରେ ଅଧିକ କାମ ହୋଇଥାଏ । ଜୁଲାଇ ମାସ ପରଠାରୁ ଧୀରେ ଧୀରେ ପର୍ବପର୍ବାଣୀର ପରିବେଶ ଆସିଥାଏ । ଏବେ ୫ ଜୁଲାଇରେ ଗୁରୁ ପୂର୍ଣ୍ଣିମା ପଡ଼ିବ, ଏହାପରେ ଶ୍ରାବଣ ମାସ ଆରମ୍ଭ ହେବ । ଏହାପରେ ୧୫ ଅଗଷ୍ଟ ଆସିବ, ରାକ୍ଷୀ ପୂର୍ଣ୍ଣିମା ପଡ଼ିବ, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଆସିବ, ଗଣେଶ ଚତୁର୍ଥୀ ଆସିବ, ଓଣମ ପାଳିତ ହେବ । ଆହୁରି ଆଗକୁ କାଟୀ ବିହୁ ପଡ଼ିବ, ନବରାତ୍ରୀ, ଦୁର୍ଗାପୂଜା, ଦଶହରା, ଦୀପାବଳୀ, ଛଠୀ ମା'ଙ୍କ ପୂଜା ପଡ଼ିବ । ପର୍ବପର୍ବାଣୀର ଏହି ସମୟରେ ଆବଶ୍ୟକତା ମଧ ବଢ଼ାଇଥାଏ, ଖର୍ଚ୍ଚ ବି ବଢ଼ାଇଥାଏ । ▶▶ପୃଷ୍ଠା ୭

## ଶ୍ରୀ ମନ୍ଦିର ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି : ଆଜି ବାହୁଡ଼ା ଯାତ୍ରା



ପୁରୀ,୩୦।୬ (ନି.ପ୍ର): ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ନଅ ଦିନ ଧରି ଅବସ୍ଥାନ କରିବା ପରେ ଆସନ୍ତାକାଲି ବୁଧବାର ଶ୍ରୀ ମନ୍ଦିର ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି । ଅନୁଷ୍ଠିତ ହେବ ବାହୁଡ଼ା ଯାତ୍ରା । ସେନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହିତ ଜିଲ୍ଲାରେ ୧୪୪ ଧାରା ଜାରୀ କରାଯାଇଛି । ଏପରିକି କୌଣସି ଯାନବାହନ, ବସ୍, ଟ୍ରେନ୍ ଆଜି ରାତି ୧୦ଟା ଠାରୁ ପୁରୀକୁ ଆସିବ ନାହିଁ । ସୁରକ୍ଷା ଦାୟୀତ୍ୱରେ ୭୦ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ କରାଯିବ । ୪୦୦ ବରିଷ୍ଠ ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ ବୋଲି ଏଡିଜେ ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି । ସେହିପରି ପୁରୀ ବଡ଼ଦାଣ୍ଡକୁ ସଂଯୁକ୍ତ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରିଦିଆଯାଇଛି । ଏଥିସହ ଜିଲ୍ଲାର ସମସ୍ତ ପ୍ରବେଶ ପଥରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । କୌଣସି ଭକ୍ତ ବଡ଼ଦାଣ୍ଡକୁ ପ୍ରବେଶ ନକରିବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡଃ. ଉମାଶଙ୍କର ଦାଶ ସମସ୍ତଙ୍କୁ ନିବେଦନ କରିଛନ୍ତି । ଶ୍ରୀଗୁଣ୍ଡିଚା ଯାତ୍ରା ପରି ବାହୁଡ଼ା ଯାତ୍ରା କିପରି ସୁଚାରୁ ▶▶ପୃଷ୍ଠା ୭

# ଆଜିଠୁ ଅନଲକ୍ -୨

♦ ପ୍ରତି ଗାଁରେ ଗଠନ ହେବ କୋଭିଡ୍ ମ୍ୟାନେଜମେଂଟ କମିଟି
♦ ପ୍ରତି ପଂଚାୟତରେ କୋଭିଡ୍ କେୟାର ହୋମ୍
♦ ଅଗଷ୍ଟ ୩୧ ଯାଏଁ ସ୍କୁଲ, କଲେଜ ଓ କୋଚିଂ ସେଂଟର

ଭୁବନେଶ୍ୱର,୩୦।୬ (ନି.ପ୍ର): ଆସନ୍ତାକାଲି (ବୁଧବାର) ଠାରୁ ସାରା ଦେଶରେ ଲାଗୁ ହେବ ଲକ୍ ଡାଉନ୍ -୨ । କେନ୍ଦ୍ର ସରକାରଙ୍କ ଅନ୍ ଲକ୍ -୨ ଗାଇଡ୍ ଲାଇନ୍ ପରେ ମଙ୍ଗଳବାର ରାଜ୍ୟ ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏନେଇ ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ । ସେ କହିଛନ୍ତି ଯେ ସାଢେ ୩ ମାସ ହେଲାଣି ଅଦୃଶ୍ୟ ଶତ୍ରୁ ସହ ଲଢ଼େଇ ଚାଲିଛି । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ଅଛି । ସ୍ୱାସ୍ଥ୍ୟ ସହ ଅର୍ଥନୀତିକୁ ଗୁରୁତ୍ୱ ଦେଇ କାର୍ଯ୍ୟ ପରିଚାଳନା କରିବା ଜରୁରୀ । ପ୍ରତି ଗାଁରେ



କୋଭିଡ୍ ମ୍ୟାନେଜମେଂଟ କମିଟି ଗଠନ କରାଯିବ । ମାସ୍କ ଓ ସାମାଜିକ ଦୂରତ୍ୱ ନମାନିଲେ ଶୂନ୍ୟ ସହନଶୀଳ ନୀତି ଗ୍ରହଣ ହେବ । ମାସ୍କ ଓ ସାମାଜିକ ଦୂରତ୍ୱ ପାଇଁ ଗାଁରେ ସଚେତନତା ସୃଷ୍ଟି କରାଯିବ । ପ୍ରତି ପଂଚାୟତରେ କୋଭିଡ୍ କେୟାର ହୋମ୍ କରାଯିବ । ▶▶ପୃଷ୍ଠା ୭

## ୧୦ ଜିଲ୍ଲାରେ ଜାରି ରହିବ ଦୁଇ ଦିନିଆ ସଟ୍ ଡାଉନ୍

ଭୁବନେଶ୍ୱର,୩୦।୬ (ନି.ପ୍ର): ଅଧିକ କରୋନା ଆକ୍ରାନ୍ତ ଥିବା ୧୦ ଜିଲ୍ଲାକୁ ଜୋନ୍ -୧ ଭାବେ ବିଭକ୍ତ କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ହେଲା ଗଂଜାମ, ଗଜପତି, ଖୋର୍ଦ୍ଧା, କଟକ, ଯାଜପୁର, ଜଗତସିଂହପୁର, ବାଲେଶ୍ୱର, ମୟୂରଭଂଜ, କେନ୍ଦୁଝର ଓ ଝାରସୁଗୁଡ଼ା । ଏହି ଜିଲ୍ଲା ଗୁଡ଼ିକରେ ପ୍ରତି ଶନିବାର ଓ ରବିବାର ସପ୍ତାହାନ୍ତ ସଟ୍ ଡାଉନ୍ ପାଳନ କରାଯିବ । ଆଜି ଏନେଇ ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ । ସେ କହିଛନ୍ତି ଯେ ୫୦ରୁ ଅଧିକ ଆକ୍ଟିଭ୍ କେସ୍ ଥିବା ୧୦ଟି ଜିଲ୍ଲାକୁ ଜୋନ-୧ ଘୋଷଣା କରାଯାଇଛି । ସେହି ୧୦ ଜିଲ୍ଲା- ଗଂଜାମ, ଗଜପତି, ଖୋର୍ଦ୍ଧା, କଟକ, ଯାଜପୁର, ଜଗତସିଂହପୁର, ବାଲେଶ୍ୱର, ମୟୂରଭଂଜ, କେନ୍ଦୁଝର ଓ ଝାରସୁଗୁଡ଼ା । ଜୋନ-୧ରେ ଆସୁଥିବା ୧୦ ଜିଲ୍ଲାରେ ସପ୍ତାହାନ୍ତ ଶଟ୍ ଡାଉନ ଜାରି ରହିବ । ସ୍ଥାନୀୟ ପ୍ରଶାସନ ଚାହିଁଲେ ଗାଡ଼ି ଚଳାଚଳ ବନ୍ଦ କରିପାରିବେ । ସ୍ଥାନୀୟ ପ୍ରଶାସନ ଚାହିଁଲେ ଦୋକାନ ବଜାର ବନ୍ଦ କରିପାରିବେ । ଉକ୍ତ ୧୦ ଜିଲ୍ଲାକୁ ଛାଡ଼ି ବାକି ସମସ୍ତ ଜିଲ୍ଲା ଜୋନ-୨ରେ ରହିବେ । ଏହି ସଟଡାଉନ୍ ସମୟରେ କେବଳ ଜରୁରୀ ସେବା ଯୋଗାଉଥିବା କାର୍ଯ୍ୟାଳୟ ▶▶ପୃଷ୍ଠା ୭

## ମୁମ୍ବାଇରେ ତାଜ ହୋଟେଲ ଉଡ଼ାଇବାକୁ ଧମକ : ବଢ଼ାଗଲା ସୁରକ୍ଷା ବ୍ୟବସ୍ଥା

ମୁମ୍ବାଇ,୩୦।୬ (ନି.ପ୍ର): ମୁମ୍ବାଇର ତାଜ ହୋଟେଲକୁ ବମ୍ ଦ୍ୱାରା ଉଡ଼ାଇବା ପାଇଁ ଧମକ ପାକିସ୍ଥାନସ୍ଥିତ କରାଚୀ ସହରରୁ ଆସିଛି । ଏହା ପରେ ତାଜ ହୋଟେଲର ଚାରିପାଖରେ ସୁରକ୍ଷା ବଢ଼ାଇ ଦିଆଯାଇଛି । ସମୁଦ୍ର କୂଳରେ ମଧ ପୋଲିସଙ୍କ ସଂଖ୍ୟା ବଢ଼ାଇ ଦିଆଯାଇଛି । ତାଜ ହୋଟେଲକୁ ଆସୁଥିବା ଆଗନ୍ତୁକ ଏବଂ ତାଙ୍କ ଗାଡ଼ିକୁ ବି ଜୋରଦାର ଯାଂଚ କରାଯାଉଛି । ପୁଲିସ କହିବା ଅନୁସାରେ ସୋମବାର ଦିନ କରାଚୀ ଷ୍ଟକ ଏକ୍ସଚେଂଜ ଉପରେ



ହୋଇଥିବା ବିସ୍ଫୋଟକ ପରେ ହୋଟେଲକୁ ତାଜକୁ ଧମକପୂର୍ଣ୍ଣ ଫୋନ୍ ଆସିଥିଲା । ଏହି ଫୋନରେ କହିଥିଲା କି କରାଚୀ ଷ୍ଟକ୍ ଏକ୍ସଚେଂଜ ର ବିସ୍ଫୋଟ ସମସ୍ତେ ଦେଖିଛନ୍ତି, ▶▶ପୃଷ୍ଠା ୭

## ଇସ୍ପାତ୍ ବ୍ୟବହାରକୁ ବଢାଇବା ପାଇଁ ସୁଯୋଗ ଏବଂ ଚ୍ୟାଲେଞ୍ଜକୁ ଚିହ୍ନଟ କରିବା ଦରକାର : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୬ (ନି.ପ୍ର): ଦେଶରେ ଇସ୍ପାତ ବ୍ୟବହାରକୁ ବଢାଇବା ପାଇଁ ଉଭୟ ସୁଯୋଗ ଏବଂ ଚ୍ୟାଲେଞ୍ଜକୁ ଚିହ୍ନଟ କରିବା ଦରକାର ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମଙ୍ଗଳବାର ଇସ୍ପାତ୍ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ୱେବିନାର 'ଇସ୍ପାତି ଇରାଦା: ନିର୍ମାଣ ଓ ଭିତିଭୂମି କ୍ଷେତ୍ରକୁ ଧ୍ୟାନରେ ରଖି ଇସ୍ପାତ୍ର ବ୍ୟବହାରକୁ ବଢାଇବା' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଦେଶର ଅର୍ଥନୀତିକୁ ଆଗକୁ ନେବାରେ ଇସ୍ପାତ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶ୍ୱରେ ସର୍ବାଧିକ ଇସ୍ପାତ ଉତ୍ପାଦନ କରିବାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ଉଚ୍ଚମାନର ଉତ୍ପାଦ ତିଆରି କରିବାର କ୍ଷମତା ରଖୁଛି । ଦେଶର ବିକାଶ ପାଇଁ ଭାରତ ସରକାର ଇସ୍ପାତି ଇରାଦା ଲକ୍ଷ୍ୟରେ କାମ କରୁଛନ୍ତି । ଏହା କେବଳ ଗୋଟିଏ ▶▶ପୃଷ୍ଠା ୭



## ବାହୁଡ଼ାଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଏସଆରସି ପକ୍ଷରୁ ନିର୍ଦ୍ଦେଶନାମା ଜାରି

ଭୁବନେଶ୍ୱର,୩୦।୬ (ନି.ପ୍ର): ଆସନ୍ତା କାଲି ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରାକୁ କିପରି ଶୃଙ୍ଖଳିତ ଭାବରେ କରାଯାଇପାରିବ ସେଥିନେଇ ଏସଆରସି ପକ୍ଷରୁ କିଛି ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ମଙ୍ଗଳବାର ରାତି ୯ଟାରୁ ୨ ତାରିଖ ଦିବା ସାଢ଼େ ଏଗାରଟା ପର୍ଯ୍ୟନ୍ତ ପୁରୀ ସହର ଭିତରକୁ କୌଣସି ସରକାରୀ ବା ବେସରକାରୀ ବସ୍ ଏବଂ ଟ୍ରେନ୍ ଚାଲିବ ନାହିଁ । କେବଳ ରଥଯାତ୍ରା ଡ୍ୟୁଟିରେ ଯେଉଁ ଗାଡ଼ି ଗୁଡ଼ିକର ପାସ୍ ଥିବ ସେହି ଗାଡ଼ି ଗୁଡ଼ିକ ଚଳ ପ୍ରଚଳ କରିବ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

## ଆଜିଠାରୁ କାଉଂଟରରେ ମିଳିବ ମଦ



ଭୁବନେଶ୍ୱର,୩୦।୬ (ନି.ପ୍ର): ଆସନ୍ତାକାଲି ଠାରୁ ରାଜ୍ୟରେ ମଦ କାଉଂଟରରେ ବିଦେଶୀ ମଦ ଓ ବିୟର ମିଳିବ । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି । ଏଥିରେ କୁହାଯାଇଛି ଯେ ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରହିବ ଏବଂ ଏହି ସମୟରେ ଗ୍ରାହକମାନେ ଦୋକାନ କାଉଂଟରରେ ଲାଇନରେ ଛିଡ଼ା ହୋଇ ମଦ କିଣିପାରିବେ । ଏହାଛଡ଼ା ▶▶ପୃଷ୍ଠା ୭

## କୋହଳ ହେଲା ନାଇଟ୍ କର୍ଫ୍ୟୁ: ରାତି ୯ଟାରୁ ସକାଳ ୫ ଟା କର୍ଫ୍ୟୁ

ଭୁବନେଶ୍ୱର,୩୦।୬ (ନି.ପ୍ର): ଆସନ୍ତାକାଲି ଅର୍ଥାତ୍ ଜୁଲାଇ ୧ ଠାରୁ ଅନ୍ଲକ୍-୨ ଲାଗୁ ହେବ । ଏନେଇ ମଙ୍ଗଳବାର ରାଜ୍ୟ ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏଥିରେ ରାତ୍ରକାଳୀନ କର୍ଫ୍ୟୁ ସମୟ ସୀମାକୁ କୋହଳ କରାଯାଇଛି । ଆସନ୍ତା କାଲିଠାରୁ ସନ୍ଧ୍ୟା ୭ ଟା ପରିବର୍ତ୍ତେ ରାତି ୯ଟାରୁ ଭୋର ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତର ରହିବ ବୋଲି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ସୂଚନା ଦେଇଛନ୍ତି । ଗତକାଲି କେନ୍ଦ୍ର ସରକାର ଅନ୍ ଲକ୍ -୨ ପାଇଁ ନୂଆ ଗାଇଡ୍ ଲାଇନ୍ ପ୍ରକାଶ କରିଥିଲେ । ଏଥିରେ ରାତ୍ରକାଳୀନ କର୍ଫ୍ୟୁରେ ପରିବର୍ତ୍ତନ କରାଯାଇ ରାତି ୧୦ଟାରୁ ସକାଳ ୫ ଟା ରଖାଯାଇଥିଲା । ତେବେ ରାଜ୍ୟ ସରକାର ଏହାକୁ ରାତି ୯ ଟାରୁ ସକାଳ ୫ ଟା ରଖିଛନ୍ତି । ପ୍ରଥମେ ୧୨ ଘଂଟିଆ ▶▶ପୃଷ୍ଠା ୭

## ଆଉ ୨୦୬ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୭୦୬୫କୁ ବୃଦ୍ଧି




ଭୁବନେଶ୍ୱର,୩୦।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୨୦୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୭୦୬୫ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୦୬ ଜଣଙ୍କ ମଧ୍ୟରୁ ୧୯୨ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ପଶ୍ଚିମବଙ୍ଗରୁ ଅମ୍ଫାନ ଡ୍ୟୁଟି ସାରି ଫେରିଥିବା ଜଣେ ଏନଡିଆରଏଫ ଜବାନ ମଧ୍ୟ କରୋନା ଆକ୍ରାନ୍ତ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମାଲକାନଗିରି ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୩୬ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୬ ଜଣ, ବାଲେଶ୍ୱର ଜିଲ୍ଲାରେ ୫ ଜଣ, ବଲାଙ୍ଗୀର ଜିଲ୍ଲାରେ ୧୬ ଜଣ, ବୌଦ୍ଧ ଜିଲ୍ଲାରେ ଜଣେ ତଥା କଟକ ଜିଲ୍ଲାରେ ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡରେ ୧୫, ଢେଙ୍କାନାଳ ଜିଲ୍ଲାରେ ୪ ଜଣ, ଗଂଜାମ ଜିଲ୍ଲାରେ ୩ ଜଣ, ଜଗତସିଂହପୁର ଜିଲ୍ଲାରେ ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଯାଜପୁର ଜିଲ୍ଲାରେ ୨୮, ଝାରସୁଗୁଡା ଜିଲ୍ଲାରେ ୩, କେନ୍ଦ୍ରାପଡା ଜିଲ୍ଲାରେ ୪ , ▶▶ପୃଷ୍ଠା ୭

## ବିଧାନସଭାର ଦୁଇ ଜଣ କର୍ମଚାରୀ ଅବସର ନେଲେ

ଭୁବନେଶ୍ୱର,୩୦।୬ (ନି.ପ୍ର): ଆଜି ଓଡ଼ିଶା ବିଧାନସଭାର ଦୁଇଜଣ କର୍ମଚାରୀ ସରକାରୀ ଚାକିରୀରୁ ଅବସର ନେଇଛନ୍ତି । ବାଚସ୍ପତିଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ଅବସରପ୍ରାପ୍ତ ଯୁଗ୍ମ ସଚିବ (ଡିବେଟ୍) ସରୋଜ କୁମାର ମହାନ୍ତି ଓ ଯାନଚାଳକ ବିଦ୍ୟାଧର ମହନ୍ତଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ଉପହାର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ।

# ବ୍ରିଜ୍ ପ୍ରୋଟେକ୍ସନ ୱାଲ୍ ନିର୍ମାଣ ହୋଇନି : ବନ୍ୟା ଆସିଲେ ବନ୍ଧ ଭୁଶୁଡିବ

ଭଦ୍ରକ, ୩୦/୬ (ହି.ସ.) - ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ବନ୍ତ ବ୍ଲକ୍ ଅଧୀନ ଟିଲୋ ବଡସାହିଠାରେ କପାଳୀ ନଦୀ ଉପରେ ନିର୍ମାଣ ହୋଇଥିବା ସେତୁର ଦୁଇ ପାର୍ଶ୍ୱରେ ପ୍ରୋଟେକ୍ସନ ୱାଲ ନିର୍ମାଣ ହୋଇନଥିବାରୁ ବନ୍ୟା ସମୟରେ ଦୁଇ ପାର୍ଶ୍ୱ ଭୁଶୁଡି ପଡିବା ଆଶଙ୍କା ଦେଖାଦେଇଛି। ସେହିପରି ରାସ୍ତା ଓ ସେତୁ ନିର୍ମାଣ ବେଳେ ଅଧିକାରୀମାନେ ତଦାରଖ କରୁନଥିବାରୁ ମନୋମୁଖୀ କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ ୨୦୦୯ ମସିହାରେ ବିଶ୍ୱ ବ୍ୟାଙ୍କ ଅନୁଦାନରେ ଠିକାଦାର ସଂସ୍ଥା ଦ୍ୱାରା ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୫ ବର୍ଷ ମଧ୍ୟରେ ଶେଷ ହେବାକୁ ଥିଲା। ମାତ୍ର ଏହା ମଧ୍ୟରେ ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ରାଜପଥର କେତେକ ସ୍ଥାନରେ କାମ ଅଧପନ୍ତରିଆ ହୋଇ ପଡିରହିଛି। ନିର୍ମାଣ କାର୍ଯ୍ୟ ଆରମ୍ଭ ଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ ରୁ ୪ଟି ଠିକାଦାରୀ ସଂସ୍ଥା କାର୍ଯ୍ୟ କରି ଯାଇସାରିଲେଣି। ଗତ ୩ ବର୍ଷ ତଳେ ଏକ ଠିକାଦାରୀ ସଂସ୍ଥା ଏହି ରାଜପଥର ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି। ଟିଲୋ ତାଳପଦା ଛକ ଠାରୁ ଗ୍ରେନଗୋଲା ଛକ ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଏବେ ସୁଦ୍ଧା ଚାଲିଛି। ଏହି କାର୍ଯ୍ୟ ମଧ୍ୟରେ ଟିଲୋ ବଡସାହିଠାରେ କପାଳୀ ନଦୀ ଉପରେ ଏକ ବ୍ରିଜ୍ କାର୍ଯ୍ୟ ରହିଛି। ଏବେ ଏହି ବ୍ରିଜ୍ କାର୍ଯ୍ୟ ସରିଯାଇଥିବାବେଳେ ଯାନବାହନ ଚଳାଚଳ କରୁଛି। ହେଲେ ବ୍ରିଜ୍‌ର ଦୁଇ ମୁଣ୍ଡ ତଥା ସଂଯୋଗସ୍ଥଳ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରୋଟେକ୍ସନ ୱାଲ୍ ନିର୍ମାଣ କରାନଯାଇ ଖାଲି ମାଟି ପିନ୍ଧା ଯାଇଥିବା ଦେଖାଯାଇଛି। ସେହିପରି ବ୍ରିଜ୍ ଶେଷ ଭାଗ ତଥା ନଦୀ ଭିତରକୁ ବାଉଁଶ ବାଡା କରାଯାଇ ମାଟି ପିନ୍ଧା ଯାଇଛି। ଏହାଦ୍ୱାରା ବନ୍ୟା ସମୟରେ ବ୍ରିଜ୍‌ର ଦୁଇ ମୁଣ୍ଡ ଭୁଶୁଡି ପଡିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସେହିପରି ଟିଲୋ ମାଳିସାହି ଛକଠାରେ ପୁରୁଣା ରାସ୍ତାର ପିଚୁ ଉପରେ ରାସ୍ତା ନିର୍ମାଣ ହୋଇଛି। ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣ କାର୍ଯ୍ୟକୁ ବିଶ୍ୱ ବ୍ୟାଙ୍କର କୌଣସି ଅଧିକାରୀ ତଦାରଖ କରୁନଥିବା ଦେଖାଯାଇଛି। ଫଳରେ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ମନୋମୁଖୀ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

### ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

# ପ୍ରତିବାଦରେ ଡ଼ାକ୍ତରଖାନାରେ ସମ୍ମୁଖରେ ପରିବାର ଲୋକଙ୍କ ଧାରଣା, ଥାନାରେ ଏତଲା

ରାଉରକେଲା,୩୦।୬(ନି.ପ୍ର): ଜଣେ ୨୨ ବର୍ଷୀୟ ଯୁବକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଗତକାଲି ରାଉରକେଲା ସରକାରୀ ଡାକ୍ତରଖାନା (ଆର.ଜି.ଏଚ.)ରେ ଭର୍ତ୍ତି ହୋଇଥିଲେ । ହେଲେ ଡ଼ାକ୍ତରଖାନାରେ ଭର୍ତ୍ତି ହେବାର ୩ ଘଂଟା ଭିତରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ତାଙ୍କ ମୃତ୍ୟୁ ପାଇଁ ଡ଼ାକ୍ତର ଓ ନର୍ସଙ୍କ ଚିକିତ୍ସା ଅବହେଳାକୁ ଦାୟୀ କରିଛନ୍ତି ପରିବାର ଲୋକେ । ସେମାନେ ଏନେଇ ଥାନାରେ ଏତଲା କରିବା ସହ ଘଟଣାର ପ୍ରତିବାଦ ଓ ନ୍ୟାୟ ଦାବିରେ ଆଜି ଡାକ୍ତରଖାନା ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ । ମୃତ ଯୁବକ ହରିଶ୍ଚନ୍ଦ୍ର କେରିଆ (୨୨) ଏକ ଘରୋଇ ଦୋକାନରେ କାମ କରନ୍ତି । ଗତକାଲି ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଦିନ ପ୍ରାୟ ଗୋଟାଏ ସମୟରେ ଆରଜିଏଚରେ ଭର୍ତ୍ତି କରାଯାଇଥିଲା । ତାଙ୍କୁ ସେଠାରେ ଏକ ଇଂଜେକ୍ସନ ସହ ଗୋଟିଏ ସାଲାଇନ ଦିଆଯାଇଥିଲା । ତେବେ ଦିନ ୩ଟା ସମୟରେ ଯନ୍ତ୍ରଣା ବଢିବାରୁ ତାଙ୍କ ଭଉଣୀ ନମିତା ଡାକ୍ତରଙ୍କୁ କହିବା ସତ୍ତ୍ୱେ ସେ କୁଆଡେ ଆସିବାରେ ବିଳମ୍ବ କଲେ । ଡାକ୍ତର ନର୍ସ ୪.୩୦ରେ ଆସିବା ବେଳକୁ ହରିଶ୍ଚନ୍ଦ୍ରଙ୍କ ମୃତ୍ୟୁ ହୋଇସାରିଥିଲା । ଏହି ଘଟଣାପରେ ମାଲଗୋଦାମ ଅଂଚଳରୁ ଲୋକେ ଆସି ଏହି ମାମଲାରେ ରୋଗୀଙ୍କୁ ଅଣଦେଖା କରାଯାଇଥିବା ନେଇ ଅଭିଯୋଗ କରିବା ସହ ମିଳିତ ଭାବେ ଯାଇ ରଘୁନାଥପାଲ୍ଲୀ ଥାନାରେ ଡାକ୍ତର ଓ ନର୍ସଙ୍କ ବିରୋଧରେ ମୃତ ଯୁବକଙ୍କ ଭଉଣୀ ନମିତା କେରିଆ ଏତଲା ଦେଇଥିଲେ । ଆଜି ଶତାଧିକ ବସ୍ତିବାସୀ ଏକତ୍ରିତ ହୋଇ ସକାଳୁ ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇ ନ୍ୟାୟ ଦାବି କରିବାରୁ ସେଠାରେ ପରିସ୍ଥିତି ଅସମ୍ଭାଳ ହୋଇପଡିଥିଲା । ପରେ ପୁଲିସ ପହଁଚି ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଧରାଯିବ ବୋଲି କହିଥିବା ବେଳେ ଡାକ୍ତରଖାନା ମୁଖ୍ୟ ଏହି ମାମଲାରେ ୫ ଜଣିଆ ଟିମ୍ ତଦନ୍ତ କରିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡିଛି ।

### ବ୍ରାହ୍ମଣ ଶାସନ ଗ୍ରାମରେ ଅନ୍ୟ ଜାତିର ଲୋକେ ହିନମନ୍ୟତା ଓ ଆକ୍ରୋଶର ଶିକାର

# କୋଠ ସଦସ୍ୟ କହୁଛନ୍ତି ଗାଁରେ ରଖେଇ ନଦେବାକୁ ରିଜୋଲ୍ୟୁସନ୍ ପାସ୍ ହୋଇଛି : ଜାତିଆଣ ଆକ୍ଷେପକୁ ନେଇ ଉଠିଲା ପ୍ରଶ୍ନ

ପୁରୀ,୩୦।୬(ନି.ପ୍ର): ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ବୀରପୁରୁଷୋତମପୁର ବ୍ରାହ୍ମଣ ଶାସନ ଗ୍ରାମରେ ଅନ୍ୟ ଜାତିର ଲୋକେ ଅନେକ ସମୟରେ ତଥାକଥିତ ଉଚ୍ଚ ଜାତିର ଲୋକଙ୍କ ଦ୍ୱାରା ହିନମନ୍ୟତା ଓ ଆକ୍ଷେପର ଶିକାର ହେବା ଭଳି ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି । ଏପରିକି ଗରିବ ଓ ଅନ୍ୟ ଜାତିର ଲୋକଙ୍କ ପ୍ରତି ଜାତିଆଣ ଆକ୍ଷେପ ମଧ କରାଯାଉଛି । ତେବେ ବର୍ଷ ବର୍ଷ ଧରି ଏସବୁ ଦୁଃଖ କଷ୍ଟ ସହିବାକୁ ପଡୁଛି ସେମାନଙ୍କୁ । ପାଟି ଖୋଲିଲେ ଦଳଗତ ଓ ଗୋଷ୍ଠୀ ଗତ ଚାପ ପଡୁଥିବା, ଏପରିକି ଗାଁରୁ ବାହାର କରିଦେବାର ଧମକ ମିଳୁଥିବାରୁ ଅନେକାଂଶରେ ଲୋକେ ଭୟରେ ଚୁପ୍ ରହୁଥିବା ଅଭିଯୋଗ ହୋଇଛି । କେତେକ ଲୋକ ଜୀବନ ଭୟରେ ନିଜ ନାମ ଗୋପନ ରଖି ଏସବୁ ତଥ୍ୟ ଗଣମାଧମକୁ ପ୍ରଦାନ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଗତ ଫନି ଓ ଅମ୍ଫନ ବାତ୍ୟାରେ ପୁରୀ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଅନେକ ଲୋକଙ୍କ ଘର ଭାଙ୍ଗି ପଡିଥିବା ବେଳେ ମରାମତି ପାଇଁ ସମୟ ଓ ଅର୍ଥର ଆବଶ୍ୟକତା ଦୃଷ୍ଟିରୁ ସେମାନେ ଏବେ ଭଡ଼ା ଘର ଖୋଜୁଛନ୍ତି । କେତେକାଂଶରେ ଗରିବ ଓ ଅସହାୟ ଲୋକ ମାନେ ସରକାରୀ ସହାୟତାକୁ ଚାତକ ଭଳି ଚାହିଁ ବସିଛନ୍ତି । ସରକାରୀ ସହାୟତା ମିଳିଲେ ଘର କାମ କରିବେ ବୋଲି ମନରେ ଆଶା ବାନ୍ଧି ବସିଛନ୍ତି । ହେଲେ ଆଜି ଯାଏଁ ନା ସେମାନଙ୍କୁ ମିଳୁଛି ସରକାରୀ ସହାୟତା ନା ପ୍ରଶାସନ ଅଧିକାରୀଙ୍କ ସହୃଦୟତା । ଏଭଳି ସ୍ଥିତିରେ ବୀରପୁରୁଷୋତମପୁର ଗାଁର ଅନେକ ଘର ଭାଙ୍ଗି ପଡିଥିବା ଏବଂ ବହୁ ମାତ୍ରାରେ ଛାତ, ଚାଳ, ଝାଟିମାଟି ଓ ଆଜବେଷ୍ଟସ୍ ଘର କ୍ଷୟକ୍ଷତି ହୋଇଥିବା ବେଳେ ଗାଁର ଅଧିକାଂଶ ଲୋକ ବାହାରେ ଚାକିରି ଓ ବ୍ୟବସାୟ କରି ରହୁଥିବାରୁ ସେମାନେ ନିଜର ଚିହ୍ନା ଜଣା ତଥା ସମ୍ପର୍କୀୟଙ୍କୁ ଦାୟୀତ୍ୱ ଦେଇ ଗୃହ ମରାମତି କାର୍ଯ୍ୟ କରିବା ଓ ଘର ଗୁଡିକ ଖାଲି ପଡିଥିବାରୁ ତଥା ବ୍ୟବହାର ହେଉନଥିବାରୁ ତାହାକୁ ବ୍ୟବହାର ଉପଯୋଗୀ କରିବା ନିମନ୍ତେ ଦାୟୀତ୍ୱ ଦେଇଛନ୍ତି । ଏପରିକି କେତେକ ପରିବାର ବାହାରେ ରହୁଥିବାରୁ ସେମାନଙ୍କ ଘର ତାଲା ପଡିଛି । ତେବେ ଏସବୁ ଘରକୁ ସେମାନଙ୍କ ପାଖ ପଡ଼ୋଶୀ ମାନେ ବ୍ୟବହାର କରିବା ଓ କେତେକ ସ୍ଥାନରେ ଏକ ପ୍ରକାର କବଜା କରିବା ଉଦ୍ଦେଶ୍ୟରେ ପୂର୍ବରୁ ରଖିଥିବାରୁ ସେମାନେ ଏହି ଘର ମରାମତି କାର୍ଯ୍ୟକୁ ବିରୋଧ କରିବା ଆରମ୍ଭ କରିଛନ୍ତି । ସେମାନେ ସିଧାସଳଖ କହୁଛନ୍ତି ଗାଁ କୋଠ ଘରର ନିଷ୍ପତି ହୋଇଛି, ଗାଁରେ ଅନ୍ୟ ଜାତିର ଲୋକଙ୍କୁ ରହିବାକୁ ଦିଆଯିବ ନାହିଁ । ଯଦି କେହି ରୁହନ୍ତି, ତାଙ୍କୁ ଜୋରଜବରଦସ୍ତ ଗାଁରୁ ବାହାର କରି ଦିଆଯିବ । ସମ୍ପୃକ୍ତ ଘର ମାଲିକଙ୍କ ବିରୋଧରେ କୋଠ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆବଶ୍ୟକ ପଡିଲେ ତାଙ୍କୁ ମଧ ଗାଁରୁ ବାସନ୍ଦ କରାଯିବ । ଦୁଆରି ଭୋଗବନ୍ଦ, ନିଆଁ ପାଣି ବନ୍ଦ କରାଯିବ । ତାଙ୍କୁ ଗାଁରେ ଏକଘରିକିଆ କରାଯିବ । କୋଠରେ ଏନେଇ ରିଜୋଲ୍ୟୁସନ୍ ପାସ୍ ହୋଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି, କେଉଁ ଆଧାରରେ ଏହି ରିଜୋଲେସନ ପାସ୍ ହୋଇଛି । ଏଭଳି ଜନବିରୋଧୀ, ଜାତି ବିରୋଧୀ ରିଜୋଲେସନକୁ ପାସ୍ କଲା କିଏ । ଯଦି ଭାରତୀୟ ଗଣତନ୍ତ୍ର, ସମ୍ବିଧାନ ଓ ଶାସନ ବ୍ୟବସ୍ଥାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ନାଗରିକ ଏକ । ତେବେ ଏ କଟକଣା କିଏ ଲାଗୁ କଲା ଓ କାହା ପାଇଁ । କେବଳ ସେତିକି ନୁହେଁ ବର୍ଷ ବର୍ଷ ଧରି ଗାଁରେ ରହୁଥିବା ନିମ୍ନ ଜାତିର ଲୋକେ ଓ ଅନ୍ୟ ଜାତିର ଲୋକେ ମଧ ଏହି ତଥାକଥିତ ବ୍ରାହ୍ମଣ ବୋଲାଉଥିବା ଗୋଷ୍ଠୀଙ୍କ ଦ୍ୱାରା ଆକ୍ରାଶର ଶିକାର ହୋଇ ଅତିଷ୍ଠ ହୋଇପଡିଲେଣି । ଏପରିକି ଲୋକେ ଏମାନଙ୍କ ଆଗରେ କଥା କହିବାକୁ ସାହସ ଜୁଟାଇ ପାରୁନାହାଁନ୍ତି । ରାଜ୍ୟ ମାନବାଧିକାର କମିଶନ, ଆଇନ୍ ମନ୍ତ୍ରୀ ଏବଂ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଘଟଣାର ବିଧିବଦ୍ଧ ତଦନ୍ତ ପୂର୍ବକ ନିଜକୁ ସର୍ବେସର୍ବା ବୋଲାଉଥିବା ଓ ମେରୀ ରାୟ ନୀତି ଚଳାଇଥିବା ଗାଁ କୋଠର ଏହି ସଦସ୍ୟଙ୍କ ବିରୋଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି ।

# ରତ୍ନାକର ହାଇସ୍କୁଲରୁ ଆସବାବପତ୍ର ଚୋରୀ

କେନ୍ଦ୍ରାପଡ଼ା,୩୦।୬(ନି.ପ୍ର): କେନ୍ଦ୍ରାପଡାର ବ୍ଲକ ଅଧିନ ଦୁହୁରିଆର ରତ୍ନାକର ହାଇସ୍କୁଲ ପରିସରରୁ ସ୍କୁଲର ଦସ୍ତା, ଆଜବେଷ୍ଟ, କାଠ ଜିନିଷ ପତ୍ର ସବୁ ସେହି ସ୍କୁଲର ଜଣେ ଶିକ୍ଷକ ଲୁଟ୍ କରି ନେଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ସମିତି ସଭ୍ୟ କାମିନୀ ବରାଳ, ଅଞ୍ଜାନ ପଲାଇ, ଦାମୋଦର ଜେନା ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଓ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଏହି ବିଦ୍ୟାଳୟକୁ କୋଭିଡ-୧୯ କେନ୍ଦ୍ର ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବହାର କରା ଯାଉଥିବା ବେଳେ ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ବନ୍ଦ ରହିଛି । ଏହା ସହ ଏଠାରେ ୧୪୪ ଧାରା ଜାରି କରାଯାଇ ବାହାର ଲୋକଙ୍କ ପ୍ରବେଶ ନିଷେଧ କରା ଯାଇଥିବା ବେଳେ ଜଣେ ଶିକ୍ଷକ ସ୍କୁଲ ପରିସର ରୁ ଦସ୍ତା, ଆଜବେଷ୍ଟ, କାଠ ଓ ଅନ୍ୟାନ୍ୟ ଆସବାପତ୍ରକୁ ବିନା ଅନୁମତିରେ ଟାଟା ଏସି ଲଗାଇ ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଏ ଦିଗରେ ଆବ୍ୟଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସ୍କୁଲ ଜିନିଷ ଉଧାର କରିବା ପାଇଁ ଦାବି କରାଯାଇଛି ।

# ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ବିଶେଷଙ୍କ କରୋନା ଟେଷ୍ଟ ପାଇଁ ଦାବି

ଜୟପୁର,୩୦।୬(ନି.ପ୍ର): ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମର କରୋନା ପଜିଟିଭ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ବିଶେଷଙ୍କ କରୋନା ଟେଷ୍ଟ କରିବାକୁ ସରପଂଚ ଦାବି କରିଛନ୍ତି । ଏ ସମ୍ବଳିତ ଏକ ଦାବି ପତ୍ର ସେ ବିଡିଓଙ୍କୁ ପ୍ରଦାନ କରିଛନ୍ତି । ଗତ ପ୍ରାୟ ୮ ରୁ ୧୦ ଦିନ ମଧ୍ୟରେ ଫାମ୍ପୁଣି ଗ୍ରାମରେ ୪ଟି ଅନୁମତି ବିହିନ ସାମାଜିକ କାର୍ଯ୍ୟକ୍ରମ ହୋଇଥିଲା । ୨ଟି ବିବାହ ୨ଟି ଶୁଦ୍ଧିକ୍ରିୟା କାର୍ଯ୍ୟକ୍ରମ ହୋଇଥିଲା । ବିଭିନ୍ନ ସୂତ୍ରରୁ ଖବର ମିଳିଛି ଯେ ବର୍ତମାନ କରୋନା ସଂକ୍ରମିତ ହୋଇଥିବା ଗ୍ରାମର ବ୍ୟକ୍ତି ଜଣକ ଉକ୍ତ କାର୍ଯ୍ୟ ମଧ୍ୟରୁ ୩ ଟିରେ ପ୍ରତ୍ୟେକ୍ଷ ରୂପେ ଯୋଗଦେଇଥିଲେ । ଏହା ବ୍ୟତିତ ସମ୍ପୃକ୍ତ ବ୍ୟକ୍ତିଙ୍କର ଅନେକ ସାଙ୍ଗ ସାଥି ରହିଛନ୍ତି । ଏହା ସହ ଅନେକ ବ୍ୟବସାୟ ଅନୁଷ୍ଠାନ ସହିତ ମଧ୍ୟ ସମ୍ପର୍କ ରହିଛି । ସଂକ୍ରମିତ ଚିହ୍ନଟ ହେବା ପୂର୍ବରୁ ବାହାର ରାଜ୍ୟ ଅନ୍ଧ୍ର ପ୍ରଦେଶରୁ ଫେରିଥିଲେ ମଧ୍ୟ କରୋନା ସଚେତନ ସମ୍ପର୍କିତ କୌଣସି ସରକାରୀ ନୀତି ନିୟମକୁ ତିଳେ ମାତ୍ର ପାଳନ ନକରି ସେ ଅନେକ ଲୋକଙ୍କ ସମ୍ପର୍କରେ ଆସିଛନ୍ତି । ଯେଉଁଥିପାଇଁ ଗ୍ରାମର ଜନ ସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡିଛି । ଉକ୍ତ ବ୍ୟକ୍ତିଙ୍କ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ସମ୍ପର୍କରେ ଆସିଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ ଯଦି ଭୁତାଣୁ ସଂକ୍ରମଣ ବୃଦ୍ଧି ଘଟେ ତେବେ ଫାମ୍ପୁଣି ଭଳି ସମ୍ବେଦନଶିଳ ଗ୍ରାମରେ ଭୟଙ୍କର ଓ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି । ବର୍ତମାନ ପରିସ୍ଥିତିରେ ଲୋକ ମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତିରେ ଜନସାଧାରଣ ଉଭୟ ବ୍ଲକ୍ ଓ ଜିଲା ପ୍ରଶାସନ ସହାୟତା ଲୋଡିବା ସହ ଉକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ବିଶେଷଙ୍କ କରୋନା ଟେଷ୍ଟ କରିବାକୁ ଦାବି କରିଛନ୍ତି ସରପଂଚ ପ୍ରତିମା ନାୟକ ।

# ବନ୍ଧୁକ ମୁନରେ ଲୁଟିନେଲେ ୭୬ ହଜାର

ରାଉରକେଲା,୩୦।୬(ନି.ପ୍ର): ରାଉରକେଲା ସହରରେ ପୁଣି ଅନେକ ଦିନର ବିରତି ପରେ ଦିନ ବେଳା ଲୁଟ୍ ଆରମ୍ଭ ହୋଇଛି । ଆଜି ଦିନ ପ୍ରାୟ ୧୨ଟା ବେଳେ ଏଭଳି ଏକ ଲୁଟ୍ ହୋଇଛି ସେକ୍ଟର ୯ ଅଂଚଳରେ । ଖବର ନେବାରେ ଜଣାପଡିଛି, ସେକ୍ଟର ୯ ଷ୍ଟିଲ୍ କ୍ଲବ ପାଖା ପାଖି ଏକ ଗ୍ୟାସ୍ କମ୍ପାନୀର ସେଲ୍ସ ମ୍ୟାନ ନିଜ କାମ କରୁଥିବା ବେଳେ ହଠାତ୍ ଏକ ବାଇକରେ ତିନ ଯୁବକ ମୁହଁରେ କପଡା ଗୁଡାଇ ସେଠାରେ ପହଁଚି ଥିଲେ । ପରେ ସେଲ୍ସ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ବନ୍ଧୁକ ଦେଖାଇ ତାଙ୍କ ପାଖରେ ଥିବା ୭୬ ହଜାର ନଗଦ ଟଙ୍କାକୁ ଲୁଟିନେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି । ଏନେଇ ସେକ୍ଟର ୭ ଥାନାରେ ଅଭିଯୋଗ କରାଯାଇଥିବା ବେଳେ ପୁଲିସ ଏନେଇ କୌଣସି ସୂଚନା ଦେଇନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ, ସହରରେ ଗତ କିଛି ଦିନ ଧରି ସେକ୍ଟର, ଛେଣ୍ଡ, ବାସନ୍ତି କଲୋନୀ, କୋଏଲ ନଗର ପ୍ରଭୃତି ଅଂଚଳର କଲୋନୀ ଭିତର ପାଖରେ ପୋଲିସ ପେଟ୍ରୋଲିଂ କରାଯାଉନଥିବାରୁ ଅସାମାଜିକ ତତ୍ତ୍ୱ ମାନେ ଏହି ସବୁ ଅଂଚଳରେ ଆଡ୍ଡା ଜମାଇବା ସହ ସେହିଅଂଚଳକୁ ଟାର୍ଗେଟ କରୁଛନ୍ତି । ଏନେଇ ଥାନା ଗୁଡିକୁ ଫୋନ କଲେ ମଧ ଅନେକ ସମୟରେ ଥାନା ଅଧିକାରୀ ମାନେ ଫୋନ ଉଠାଉନଥିବା ଅଭିଯୋଗ ହେଉଛି ।

# ବାର୍ଦ୍ଧକ୍ୟ ଭତା ଅପେକ୍ଷାରେ ଦମ୍ପତି

ନୂଆପଡା,୩୦।୬(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଦୋହେଲପଡା ପଂଚାୟତର ବହଲପଦର ଗ୍ରାମର ଏକ ବୃଦ୍ଧ ଦମ୍ପତି ଅତି ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଥିବା ଅଭିଯୋଗ ହେଉଛି । ବହଲପଦର ଗ୍ରାମର ରିଚେକ ଗହୀର, ବୟସ ୭୦ ବର୍ଷ, ନିରାଶ ଗହୀର, ବୟସ ୬୩ ବର୍ଷ । ଉଭୟ ସ୍ୱାମୀସ୍ତ୍ରୀ କିନ୍ତୁ ବାରମ୍ବାର ଆବେଦନ ସତ୍ତ୍ୱେ ବାର୍ଦ୍ଧକ୍ୟ ଭତା ଖଣ୍ଡିଏ ପାଇ ପାରୁନାହାନ୍ତି । ଜମିବାଡି ନାହିଁ, ଏପରିକି ଘରଡିହ ନିଥିବାରୁ କୌଣସି ଆବାସ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି । ତାଙ୍କର ୨ ପୁଅ ମଧ୍ୟ ନାବାଳକ । ପରଘରେ ମୂଲ ଖଟିବା ସହ ଏବୟସରେ ମଧ୍ୟ ଦାଦନ ଖଟିବାକୁ ଅନ୍ୟ ରାଜ୍ୟ ଯାଆନ୍ତି । ସରକାରୀ ସହଯୋଗ କହିଲେ ଖଣ୍ଡେ ପଡିକାର୍ଡ ମାତ୍ର । ଅନେକ ଅଯୋଗ୍ୟ ଲୋକେ ସରକାରୀ ସୁବିଧା ସୁଯୋଗ ମାରି ନେଉଥିବା ବେଳେ ଏପରି ଅସହାୟ ବୃଦ୍ଧବୃଦ୍ଧା ଭତା ଖଣ୍ଡକ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ପରିତାପର ବିଷୟ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅତିଶିଘ୍ର ଏହି ବୃଦ୍ଧା ଦମ୍ପତିକୁ ଭତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି । ଏନେଇ ସମାଜ ସୁରକ୍ଷା ଅଧିକାରୀ ନିର୍ମଲ ଧରୁଆଙ୍କୁ ଯୋଗାଯୋଗ କରାଯିବାର ସେମାନଙ୍କ କାଗଜାତ ଦେଲେ ଶିଘ୍ର ବାର୍ଦ୍ଧକ୍ୟ ଭତା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ନୂତନ ଡିଲରର ନିଯୁକ୍ତି ନିମନ୍ତେ ଜିଲ୍ଲାପାଳଙ୍କୁ ଦାବି

କେନ୍ଦ୍ରାପଡ଼ା,୩୦।୬(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମ ପଂଚାୟତର ବଡ ମଙ୍ଗରାଜପୁର ଓ କୁରୁଜଙ୍ଗା ଗ୍ରାମରେ ନୂତନ ଡିଲର ନିଯୁକ୍ତି ନିମନ୍ତେ ଉକ୍ତ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ବଡ ମଙ୍ଗରାଜପୁର ଓ କୁରୁଜଙ୍ଗା ଗ୍ରାମର ରାସନ କାର୍ଡ ଉପଭୋକ୍ତା ମାନେ ପୂର୍ବରୁ ଯେଉଁ ଡିଲର ପାଖରୁ ରାସନ କାର୍ଡ ସାମଗ୍ରୀ ମାନ ଆଣୁଥିଲେ ସେ ଗତ ୨ ବର୍ଷ ତଳୁ ଦୁର୍ନିତି କରିବା ଅଭିଯୋଗରେ ବହିଷ୍କାର ହୋଇଛନ୍ତି । ତେବେ ଏହି ଉପଭୋକ୍ତାମାନଙ୍କୁ ସେମାନଙ୍କ ରାସନ ସାମଗ୍ରୀ ଆଣିବା ପାଇଁ ପଡୋଶୀ ଗ୍ରାମର ଅନ୍ୟ ଜଣେ ଡିଲରଙ୍କ ସହ ସଂଯୁକ୍ତ କରାଯାଇଛି । ମାତ୍ର ଏହି ଡିଲରଙ୍କ ପାଖରୁ ସାମଗ୍ରୀ ଆଣିବାକୁ ହେଲେ ବଡ ମଙ୍ଗରାଜପୁର ଓ କୁରୁଜଙ୍ଗା ଗ୍ରାମର ରାସନ କାର୍ଡ ଉପଭୋକ୍ତା ମାନଙ୍କୁ ୨ରୁ ୩ କମି ଚାଲିବାକୁ ପଡୁଛି । ଏ ସଂପର୍କରେ ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ତେବେ ତୁରନ୍ତ ନୂତନ ସ୍ଥାୟୀ ଡିଲରଙ୍କୁ ନିଯୁକ୍ତି କରି ଏହି ରାସନ କାର୍ଡ ଉପଭୋକ୍ତାମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନ କୁ କାର୍ଯ୍ୟକାରୀ କରି ସମସ୍ତ ସାମଗ୍ରୀ ଯୋଗାଇଦେବା ନିମନ୍ତେ ଦାବି ହୋଇଛି । ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିବା ସମୟରେ ଗ୍ରାମର ଜ୍ଞାନ ରଞ୍ଜନ ବିହାରୀ, ନରେଶ ବେହେରା, ମନୋରଞ୍ଜନ ବିହାରୀ, ଝରଣା ବେହେରା, ଗଗନ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରସୁଲପୁର ବ୍ଲକର ପ୍ରଥମାଖଣ୍ଡ ପଂଚାୟତର ଦୁଇ ଗାଁ କଂଟେନମେଂଟ ଜୋନ ଭାବେ ଘୋଷିତ

ଧର୍ମଶାଳା,୩୦।୬(ନି.ପ୍ର): ଯାଜପୁର ଜିଲାରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢିବାରେ ଲାଗିଛି । ଯାଜପୁର ଜିଲା ରସୁଲପୁର ବ୍ଲକ ପ୍ରଥମାଖଣ୍ଡ ପଂଚାୟତରୁ ଗୋଟିଏ ଦିନରେ ୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହାକୁ ନେଇ ଜିଲା ପ୍ରଶାସନର ଚିନ୍ତାର କାରଣ ପାଲଟିଛି । ଆଜି ଏହି ପଂଚାୟତସ୍ଥ ପ୍ରଥମାଖଣ୍ଡ ଓ ଚକଗୋପାଳପୁର ଗ୍ରାମକୁ ଜିଲାପାଳ ରଂଜନ କୁମାର ଦାସ କଂଟେନମେଂଟ ଜୋନ ଭାବେ ଘୋଷଣା କରିଛନ୍ତି ।

# ମୟୂରଭଞ୍ଜ ସାଂସଦଙ୍କ ରାଜ୍ୟପାଳ, ମୁଖ୍ୟ ସାଶନ ସଚିବ ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା



ବାରିପଦା,୩୦।୬(ନି.ପ୍ର): ଗତ ସପ୍ତାହରେ ମୟୂରଭଞ୍ଜ ସାଂସଦ ଙ୍କ ବିଶେଶ୍ୱର ଟୁଡୁ ଓଡିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗନେଶୀ ଲାଲ, ରାଜ୍ୟ ମୁଖ୍ୟ ସାଶନ ସଚିବ ଅସୀତ ତ୍ରିପାଠୀ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ, କିଟ ଓ କିସର ପ୍ରତିଷ୍ଠାତା ସାଂସଦ ଅଚ୍ୟୁତ ସାମନ୍ତ ଙ୍କ ସମେତ ସ୍ୱାସ୍ଥ୍ୟ ସଚିବ, ପଂଚାୟତିରାଜ ଅତିରିକ୍ତ ସଚିବ, ନିର୍ମାଣ ବିଭାଗର ଅତିରିକ୍ତ ସଚିବ, ରାଜ୍ୟ ସହ ନିର୍ବାଚନ କମିଶନର, ଏମ.ଏସ.ଏମ.ଇ.ର ସ୍ୱତନ୍ତ୍ର ସଚିବ ପ୍ରମୁଖ ଙ୍କ ସହ ସାକ୍ଷାତ କରି ଜିଲ୍ଲାର ବିଭିନ୍ନ ସମସ୍ୟା ଓ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବାର ଜଣାଯାଇଛି । ଶିମିଳିପାଳର ସୁରକ୍ଷା ସହିତ ସେଠାକାର ଅଧିବାସୀଙ୍କ ଥଇଥାନ ତଥା ଜୀବନ ଜିବୀକା ଓ ରାସ୍ତାଘାଟ, ପାନୀୟ ଜଳଯୋଗାଣ, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଠାକୁରଙ୍କ ଦେବତୋର ଜମୀର ସୁରକ୍ଷା, ସେବାୟତ ମାନଙ୍କର ସମସ୍ୟା ବିଷୟରେ ରାଜ୍ୟପାଳଙ୍କ ସହିତ ଆଲୋଚନା କରିଥିବା ବେଳେ ମୁଖ୍ୟ ସାଶନ ସଚିବ ଙ୍କ ସହିତ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅଗ୍ରଗତି, ଜିଲ୍ଲାରେ ସବାଇ ଘାସ ଶିଳ୍ପର ଉନ୍ନତି, ମତ୍ସ୍ୟଚାଷ, ସୈନିକ ବୋର୍ଡ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଜିଲ୍ଲାର ଆଇନ ଶୃଙ୍ଖଳା , ସହିତ ଚାଲିଥିବା ବେଆଇନ ବାଲି ପଥର ଓ ମୋରମ ଚାଲାଣ ଗୋଚାଲାଣ ବନ୍ଦ କରିବାକୁ ପଦକ୍ଷେପ ନେବାକୁ ଅନୁରୋଧ କରିବା ସହିତ କିଛି ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ଦାବୀ ଜଣାଇଛନ୍ତି । ଏହିଭଳି ଭାବରେ ସାଂସଦ ଶ୍ରୀ ଟୁଡୁ ଆଇନ ମନ୍ତ୍ରୀ ପ୍ରତାପ ଜେନା , ସାଂସଦ ଅଚ୍ୟୁତ ସାମନ୍ତ ପ୍ରମୁଖଙ୍କ ସହିତ ଭେଟି ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିବାର ଜଣାଯାଇଛି । ଏହି ତିନିଦିଆ ଗସ୍ତ ସମୟରେ ସାଂସଦଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବରିଷ୍ଠ ବିଜେପି ନେତା ଜୀବନ ସାହୁ, ଯୁବନେତା ହେମନ୍ତ ଶାହା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମୋରଡ଼ା ବିଧାନସଭା କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନସମ୍ବାଦ ରାଲି

ବାରିପଦା,୩୦।୬(ନି.ପ୍ର): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଏନଡ଼ିଏ ସରକାରର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ହୋଇସାରିଛି । ଏହି ସମୟରେ ଦେଶରେ ବହୁ ଉନ୍ନୟନମୂଳକ ଜନହିତକାର କାର୍ଯ୍ୟ କରାଯାଇଥିବା ବେଳେ କିଛି କାର୍ଯ୍ୟକ୍ରମ ଜାରି ରହିଛି । ଏହି ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣକାରୀ ଲୋକାଭିମୁଖୀ ଯୋଜନାଗୁଡ଼ିକର ସଫଳତାର ବାର୍ତା ପୁରରୁ ପଲ୍ଲୀ ଓ ପଲ୍ଲୀରୁ ସହରରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଁଚାଇବା ନିମନ୍ତେ ଆଜିର ଏହି ଜନସମ୍ବାଦ ରାଲିର ଆୟୋଜନ କରାଯାଇଛି ଏବଂ ଏଥିରେ କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବିଧାନସଭା କ୍ଷେତ୍ରର ଜନସାଧାରଣଙ୍କୁ ସମ୍ବୋଧିତ କରାଇଛନ୍ତି । ଏହି ଅବସରରେ ଭରଚ୍ୟୁଆଲ ବା ଭିଡ଼ିଓ କନ୍‌ଫାରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀପ୍ରଧାନ ମୋରଡ଼ା ନିର୍ବାଚନ ମଣ୍ଡଳୀର ନେତା, କର୍ମକର୍ତା ମାନଙ୍କ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବାର୍ତା ଲାପ ସମୟରେ ନାଗରିକ ସଂଶୋଧନ ଆଇନ, ୩୭୦ ଦଫା ଉଚ୍ଛେଦ, ପାରାଦୀପ ରେଫେନାରୀ ଆଦି ଉତଥାପନ କରାଯାଇଥିବା ବେଳେ ସବାଇଘାସରୁ ବିଭିନ୍ନ ପ୍ରକାରର ସାମଗ୍ରୀ ପ୍ରସ୍ତୁତ କରୁଥିବା ଏସଏସଜି ଗ୍ରୁପ, ବୁଣାକାର ସଂଘ, କୃଷକମାନଙ୍କ ସହିତ ବାର୍ତାଳାପ କରିଛନ୍ତି । ସେହିପରି ନିର୍ବାଚନ ମଣ୍ଡଳୀର ନେତା ଓ କର୍ମକର୍ତାମାନେ ଭାରଚ୍ୟୁଆଲ ରାଲି ମାଧ୍ୟମରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ସିଧାସଳଖ ଯୋଡ଼ି ହୋଇଥିବାରୁ ବେଶ ଉତ୍ସାହିତ ହୋଇଥିବାର ପରିଲକ୍ଷିତ ହୋଇଛି । ଆଜିର ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଙ୍ଗଠନର ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ମୟୂରଭଞ୍ଜ ଲୋକସଭା ସାଂସଦ ଙ୍କ ବିଶ୍ୱେଶର ଟୁଡୁ, ଦଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡ଼ା ବୁଢ଼ାନ ମୁର୍ମୁ, ମୋରଡ଼ା ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ତଥା ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଙ୍ଗଠନ ସଭାପତି ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରଦୀପ ମହାନ୍ତି, ପୂର୍ବତନ ଜିଲ୍ଲା ଉପସଭାପତି ଶୋଭାବତୀ ଓତା, ବିଜୟ ଦାସ, ଦୀନେଶ ଅଗ୍ରୱାଲା ପ୍ରମୁଖ ୫ ଶହରୁ ଅଧିକ ନେତା, କର୍ମକର୍ତା ଓ କର୍ମୀମାନେ ମୋବାଇଲ ଆପ୍ସ(ଜୁମ) ମାଧ୍ୟମରେ ଯୋଡ଼ି ହୋଇଥିଲେ ।

## ରାମଗଡ଼

ଉତ୍ତରାଖଣ୍ଡର ଚୋପତା, ଡେରାଡୁନ୍, ଭିମ୍‌ତାଲ, ମୁକ୍ତେଶ୍ୱର ପରି ଅନେକ ଲୋକପ୍ରିୟ ଶୈଳନିବାସ ରହିଛି । ହେଲେ ଉତ୍ତରାଖଣ୍ଡରେ ଏମିତି ମଧ୍ୟ କିଛି ପର୍ଯ୍ୟଟନସ୍ଥଳୀ ଅଛି ଯାହା ବିଷୟରେ ଖୁବ୍ କମ୍ ଲୋକ ଜାଣିଛନ୍ତି । ସେମିତି ଏକ ସ୍ଥାନ ହେଉଛି ରାମଗଡ଼ । ଏହି ଛୋଟ ଶୈଳନିବାସରେ ଭରି ରହିଛି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ । ଏହାର ଚତୁପାର୍ଶ୍ୱକୁ ପାହାଡ଼, ଝରଣା ଏବଂ ଘଞ୍ଚ ଘେରି ରହିଛି । ନୈନିତାଲରୁ ୨୪ କିଲୋମିଟର ଦୂରରେ ଅବସ୍ଥିତ ଏହି ଶୈଳନିବାସ । ଏହି ସ୍ଥାନରେ ଅଧିକ ଫଳ ଉତ୍ପାଦନ ହେଉଥିବାରୁ । ରାମଗଡ଼କୁ ଉତ୍ତରାଖଣ୍ଡର ଫଳ ଝୁଡ଼ି ମଧ୍ୟ କୁହାଯାଏ । ପୂର୍ବରୁ ଏହି ସ୍ଥାନରେ ଅନେକ ବ୍ରିଟିଶ୍ ଅଫିସର୍‌ମାନେ ଆରାମ କରିବାକୁ ଆସୁଥିଲେ । ବ୍ରିଟିଶ୍ ସମୟର ବଙ୍ଗଳା ଆଜି ବି ଏଠାରେ ଦେଖିବାକୁ ମିଳେ । ଏହି ସ୍ଥାନରେ ବିଭିନ୍ନ ପ୍ରକାର ବରକୋଳି, ଆପଲ, କମଳା ଆଦିର ବଗିଚା ଦେଖିବାକୁ ମିଳେ । ପର୍ଯ୍ୟଟକମାନେ ସ୍ଥାନୀୟ ଲୋକମାନଙ୍କ ସହ ମିଶି ଟ୍ରେକିଙ୍ଗ ମଜା ମଧ୍ୟ ନେଇଥାନ୍ତି ।





**ନଥୁଖାନ:**
ସମୁଦ୍ର ପତନରୁ ୬,୩୬୫ ଫୁଟ୍ ଉଚ୍ଚରେ ଅବସ୍ଥିତ ନଥୁଖାନ । ଏହି ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଛି । ପ୍ରକୃତିର ଭବ୍ୟ ଦୃଶ୍ୟରେ ପରିପୂର୍ଣ୍ଣ । ଏହି ସ୍ଥାନଟି ପର୍ଯ୍ୟଟକଙ୍କୁ ଶାନ୍ତି ଦେଇଥାଏ । କୋଳାହଳମୁକ୍ତ ଏହି ଛୋଟ ସ୍ଥାନଟିରେ ପର୍ଯ୍ୟଟକଙ୍କ ଗହଳି ଜମୁନଥିବାରୁ ନିରୋଳା ସ୍ଥାନ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଭଲ ବିକଳ୍ପ ହୋଇପାରିବ ।

**ମୁକ୍ତେଶ୍ୱର:**
ଏହି ସ୍ଥାନର ଏଠାରେ ଥିବା ପ୍ରାଚୀନ ଶିବ ମନ୍ଦିରର ନାଁରେ ରଖାଯାଇଛି । ମୁକ୍ତେଶ୍ୱରରୁ ନନ୍ଦଦେବୀ, ନନ୍ଦକୋଟ, ତ୍ରିଶୁଳ ଏବଂ ପଞ୍ଚାଚୁଲି ସହଜରେ ପହଞ୍ଚି ହୋଇଥାଏ । ପର୍ଯ୍ୟଟକମାନେ ଏହି ସ୍ଥାନରେ ରକ୍ କ୍ଲାଇମ୍ବିଙ୍ଗ୍, ର୍ୟାପଲିଙ୍ଗ୍ ଭଳି ରୋମାଞ୍ଚକର କ୍ରୀଡ଼ାରେ ଅଂଶଗ୍ରହଣ କରିଥାନ୍ତି ।

***କେଉଁଠି ରହିବେ:***
ରାମଗଡ଼ରେ ରହିବା ପାଇଁ ବିଭିନ୍ନ ପ୍ରକାର ଛୋଟ ବଡ଼ ହୋଟେଲ ଏବଂ ରିର୍ସଟ ଆଦି ରହିଛି । ପର୍ଯ୍ୟଟକମାନଙ୍କ ରହିବା ଖାଇବାରେ କୌଣସି ଅସୁବିଧା ହୋଇନଥାଏ । କିଛି କିଛି ହୋଟେଲ ପର୍ଯ୍ୟଟକଙ୍କ ବୁଲାବୁଲି ପାଇଁ ଟୁରିଷ୍ଟ ବସ୍ ମଧ୍ୟ ଯୋଗାଇ ଦେଇଥାନ୍ତି ।

***କେମିତି ଯିବେ:***
ରାମଗଡ଼ର ନିକଟତମ ବିମାନବନ୍ଦର ପନ୍ତନଗର ବିମାନବନ୍ଦର । ଏହା ରାମଗଡ଼ରୁ ୭୬ କି.ମି ଦୂର । ବିମାନବନ୍ଦରରୁ ଟ୍ୟାକ୍ସି ଯୋଗେ ରାମଗଡ଼ ଆସି ହୋଇଥାଏ । ନଚେତ୍ କାଠଗୋଦାମ ରେଳଷ୍ଟେସନରୁ ମଧ୍ୟ ଆସି ପାରିବେ । ପ୍ରତିଦିନ ଦିଲ୍ଲୀରୁ କାଠଗୋଦାମ ଟ୍ରେନ୍ ଯିବାଆସିବା କରିଥାଏ । ଆଲମୋଡା କିମ୍ବା ହଲଦ୍ୱାନିରୁ ମଧ୍ୟ ବସ୍ ଯୋଗେ ରାମଗଡ଼ ପହଞ୍ଚି ହୋଇଥାଏ ।

***କେବେ ଆସିବେ:***
ରାମଗଡ଼ର ପାଣିପାଗ ସବୁବେଳେ ଥଣ୍ଡା ରହିଥାଏ । ତେଣୁ ଏହି ସ୍ଥାନକୁ ସବୁ ସମୟରେ ଆସି ହୋଇଥାଏ । କିନ୍ତୁ ମାର୍ଚ୍ଚରୁ ସେପ୍ଟେମ୍ବର ଏହି ସ୍ଥାନରେ ଅଧିକ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳେ ।

**ଶ୍ରୀ ଅରବିନ୍ଦ ଆଶ୍ରମ:**
ଶ୍ରୀ ଅରବିନ୍ଦ ଆଶ୍ରମ ରାମଗଡ଼ର ସବୁଠୁ ଲୋକପ୍ରିୟ ସ୍ଥାନ । ଏହି ଆଶ୍ରମ ପର୍ଯ୍ୟଟକଙ୍କୁ ଯୋଗ ଆଦିର ସୁବିଧା ଉପଲବ୍ଧ କରାଇଥାଏ । ଏହା ବ୍ୟତୀତ ଏଠାରେ ଧ୍ୟାନ କକ୍ଷ ମଧ୍ୟ ରହିଛି ।



## କୋହ୍ଲାପୁରର 'ସାପ ଦୁର୍ଗ'



ଭାରତରେ ଏମିତି କିଛି ଦୁର୍ଗ ରହିଛି, ଯାହା ବହୁ ପୁରାତନ । ଏପରିକି ଏହି ଦୁର୍ଗ କେବେ ତିଆରି ହୋଇଛି, କିଏ ତିଆରି କରିଛନ୍ତି, ତାହା କାହାକୁ ସଠିକ୍ ଭାବେ ଜଣା ନଥାଏ । କେବଳ ଯାହା ଅନୁମାନ କରାଯାଏ । ଏପରି ଏକ ଐତିହାସିକ ଦୁର୍ଗ ହେଉଛି 'ସାପ ଦୁର୍ଗ' । କୁହାଯାଏ ଏହା ୮୦୦ ବର୍ଷ ତଳର ପୁରୁଣା ଦୁର୍ଗ । ୧୧୭୮ ରୁ ୧୨୦୯ ଖ୍ରୀଷ୍ଟାବ୍ଦରେ ଶିଳାହାର ଶାସକ ଦ୍ୱିତୀୟ ଭୋଜ ଏହାକୁ ନିର୍ମାଣ କରିଥିଲେ । କେଉଁଠାରେ ରାଜା ଭୋଜ ତ ଆଉ କେଉଁଠି ଗଙ୍ଗୁ ତେଲି ଏହି ଦୁର୍ଗ ନିର୍ମାଣ କରିଥିବା କୁହାଯାଇଛି । ଏହାକୁ 'ପହ୍ନାଲା' ଦୁର୍ଗ ମଧ୍ୟ କୁହାଯାଏ । ଯେଉଁଥିରେ ପହ୍ନାଲାଗଡ଼, ପହ୍ନାଲା ଆଦି ନାମରେ ଜଣାଶୁଣା । ଏହି ଦୁର୍ଗ ମହାରାଷ୍ଟ୍ରର କୋହ୍ନାପୁର ଜିଲ୍ଲାର ଦକ୍ଷିଣପୂର୍ବରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ । ପହ୍ନାଲା ଏକ ଛୋଟ ସହର ଏବଂ ହିଲ୍ ଷ୍ଟେସନ । କିନ୍ତୁ ଏହାର ଇତିହାସ ଶିବାଜୀ ମହାରାଜାଙ୍କ ସହ ଜଡ଼ିତ । ଯଦିଓ ଏହି ଦୁର୍ଗ ଯାଦବ, ବାହମାନୀ ଏବଂ ଆଦିଲ ଶାହି ପରି ଅନେକ ରାଜବଂଶ ଅଧୀନରେ ରହିଆସିଛି । କିନ୍ତୁ ୧୬୭୩ ଖ୍ରୀଷ୍ଟାବ୍ଦରେ ଏହା ଶିବାଜୀ ମହାରାଜାଙ୍କ ଅଧୀନକୁ ଯାଇଥିଲା । କୁହାଯାଏ, ଶିବାଜୀ ମହାରାଜ ପହ୍ନାଲା ଦୁର୍ଗରେ ଦୀର୍ଘ ସମୟ ରହିଥିଲେ । ଏଠାରେ ସେ ୫୦୦ ଦିନରୁ ଅଧିକ ରହିଥିଲେ । ପରେ ଏହି ଦୁର୍ଗ ଇଂରେଜମାନଙ୍କ ଅଧୀନକୁ ଚାଲିଯାଇଥିଲା । ଏହି ଦୁର୍ଗକୁ 'ସାପ' ଦୁର୍ଗ କୁହାଯାଏ । କାରଣ ଏହା ଅଙ୍କାବଙ୍କା ଭାବରେ ନିର୍ମାଣ କରାଯାଇଛି । ଏମିତି ଜଣାପଡ଼େ କି, ଏହା ଉପରେ ଯେମିତି ସାପ ଚାଲୁଛନ୍ତି । ଏହି ଦୁର୍ଗ ନିକଟରେ କୁଳଦେବୀ ତୁଳଜା ଭବାନୀଙ୍କ ମନ୍ଦିର ରହିଛି । ଯେଉଁଥିରେ ଏକ ଗୁପ୍ତ ସୁଡ଼ଙ୍ଗଟି ବ୍ୟାପିଛି । ଏହି ସୁଡ଼ଙ୍ଗକୁ ଏବେ ବନ୍ଦ କରିଦିଆଯାଇଛି । କୁହାଯାଏ, ଶତ୍ରୁପକ୍ଷ ଆକ୍ରମଣ ସମୟରେ ଏହି ସୁଡ଼ଙ୍ଗରେ ରହି ଜୀବନ ବଞ୍ଚାଇବାକୁ ପଡୁଥିଲା ।

## ସ୍ୱାସ୍ଥ୍ୟ ମନ୍ତ୍ର



ବରଫ ଦ୍ୱାରା ଘରେ କରାଯାଉଥିବା ବିଭିନ୍ନ ଉପଚାର ବାବଦରେ ଜାଣନ୍ତୁ । ରାତିରେ ଠିକ୍‌ରେ ନିଦ ନହେଲେ, ସକାଳେ ବେଳେ ବେଳେ ଆଖି ଫୁଲିଲା ଦିଶେ । ବ୍ୟବହୃତ ସବୁଜ ଚାହା ବ୍ୟାଗ୍, ବରଫ ଖଣ୍ଡରେ କିଛି ସମୟ ବୁଡ଼ାଇରଖି, ଆଖି ଉପରେ ଥୁଅନ୍ତୁ । ଏହା ଦ୍ୱାରା ଆରାମ ଲାଗେ ଏବଂ ଫୁଲା କମିଯାଏ । ପ୍ରତି ଦିନ ମୁହଁରେ କିଛି ସମୟ ଗରଫ ଘଷିଲେ, ବୟସ ଦାଗ ପଡ଼ିବା ବିଳମ୍ବିତ ହେଉଥିବା ପ୍ରମାଣିତ । ଧୂଳି-ଧୂମ ଯୋଗୁଁ ମୁହଁ କଳା ପଡ଼େ । ମୁହଁର ସ୍ୱାଭାବିକ ରଙ୍ଗ ଫେରିପାଇବା ପାଇଁ ପ୍ରତିଦିନ ବରଫ ଘଷନ୍ତୁ । ଖରାରେ ମୁହଁ ଜଳିଗଲେ, ଏକ ସଫା କନାରେ ବରଫ ବାନ୍ଧି, ପାଲଟିଯିବା ପରେ ମୁହଁରେ ମାଲିସ କରନ୍ତୁ ଏବଂ ଫେସ୍ ୱାସ୍ ଦ୍ୱାରା ସଫାକରନ୍ତୁ । ତେଲିଆ ତ୍ୱଚା ସମସ୍ୟାରୁ ମୁକ୍ତି ପାଇବା ପାଇଁ ବରଫ ଘଷନ୍ତୁ ।

## ଦାମୀ ପିଜ୍ଜା



ପିଜ୍ଜା ପିଲାମାନଙ୍କଠାରୁ ବଡ଼ ସମସ୍ତଙ୍କର ପସନ୍ଦ । ଭେଜ୍ ହେଉ ବା ନନଭେଜ୍ ପିଜ୍ଜା ନାଁ ଶୁଣିଲାମାତ୍ରେ ପାଟିରେର ପାଣି ଆସିଯାଏ । ଏମିତିକି ପିଜ୍ଜା ଅନ୍ୟତମ ଲୋକପ୍ରିୟ ଫାଷ୍ଟଫୁଡ୍ । ଏଥିରେ ବିଭିନ୍ନ ପ୍ରକାର ଚଟ୍‌ନି, ପନିର, ବଟର ଆଦି ଟପିଙ୍ଗସ୍ ଦେଇ ତିଆରି କରାଯାଇଥାଏ । ବିଭିନ୍ନ ସ୍ଥାନରେ ଥିବା ପିଜ୍ଜା ଷ୍ଟଲ୍ ଗୁଡ଼ିକରେ ଏହାର ସ୍ୱାଦ ଏବଂ ଆକାର ଅନୁସାରେ ମୂଲ ସ୍ଥିର କରାଯାଇଥାଏ । କିନ୍ତୁ ଏମିତି ମଧ୍ୟ ପିଜ୍ଜା ଅଛି ଯାହାର ମୂଲ୍ୟ ଆପଣଙ୍କ କଳ୍ପନା ବାହାରେ ।



**ଦ ମ୍ୟାଜିକ୍ ଗୋଲ୍ଡ:**
ଏହି ପିଜ୍ଜା ମ୍ୟାଜିକ୍ ଓଭନ୍ ନାଁରେ ମଧ୍ୟ ଲୋକପ୍ରିୟ । ଟାରୋଣ୍ଟୋର ଏକ ରେଷ୍ଟୋରାଁ ଏହି ସ୍ୱତନ୍ତ୍ର ପିଜ୍ଜା ତିଆରି କରିଥାଏ । ଏହି ପିଜ୍ଜାକୁ ପରିବେଷଣ କରିବା ଷ୍ଟାଇଲ ଏହାକୁ ଅନ୍ୟ ପିଜ୍ଜା ତୁଳନାରେ ସ୍ୱତନ୍ତ୍ର କରିଥାଏ । ଏହାର ଟପିଙ୍ଗ କରାଯାଇଥାଏ ସୁନାର ପତ୍ରରେ । ଏହି ରେଷ୍ଟୋରାଁ ଗ୍ରାହକଙ୍କ ଅନୁସାରେ ବିଭିନ୍ନ ପ୍ରକାର ସ୍ୱାଦର ଟପିଙ୍ଗ୍ ମେନ୍ୟୁ ମଧ୍ୟ ରଖିଛି । ଏହି ପିଜ୍ଜାର ମୂଲ୍ୟ ୭୧୮୫.୨୩ ଟଙ୍କା ।



**ନିନୋ ବେଲଜିମା:**
ଏହି ପିଜ୍ଜା ହାତକୁ ଖୁବ୍ ପତଳା ଲାଗିଥାଏ । କିନ୍ତୁ ଏହା ତା'ର ସ୍ୱାଦ ପାଇଁ ଅଧିକ ଲୋକପ୍ରିୟ । ଏହି ପିଜ୍ଜାର ଟପିଙ୍ଗ୍ ଖୁବ୍ ସୁନ୍ଦର ଭାବେ ବଡ଼ ବଡ଼ ଚିଙ୍ଗୁଡ଼ିରେ କରାଯାଇଥାଏ । ତା' ସହିତ ଅନ୍ୟାନ୍ୟ ଦାମୀ ସାମଗ୍ରୀକୁ ମଧ୍ୟ ପିଜ୍ଜାରେ ସାମିଲ୍ ଥାଏ । ଏହି ପିଜ୍ଜା ମୂଲ୍ୟ ୭୫ ହଜାର ଟଙ୍କା ।

**ଫ୍ୟାଭିଟା ଫ୍ୟାମିଲି ପିଜ୍ଜା:**
ଏହି ପିଜ୍ଜା ନାଁ ଶୁଣିଲେ ଲୋକେ ଏହାକୁ ଖାଇବା ପାଇଁ ଲାଳାୟିତ ହୋଇଯାଆନ୍ତି । କିନ୍ତୁ ଏହାର ସ୍ୱାଦ ଚାଖିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । କାରଣ ଏହି ପିଜ୍ଜାର ଗୋଟିଏ ଖଣ୍ଡର ମୂଲ୍ୟ ୬ଲକ୍ଷ ଟଙ୍କା । ଏହା ଉପରେ ହୀରା ଡଷ୍ଟ ପକାଯାଇଥାଏ । ଯାହା ପିଜ୍ଜାକୁ ସ୍ୱତନ୍ତ୍ର କରିଥାଏ ।





**ମାରଗୋସ୍ ପିଜ୍ଜା:**
ଏହି ପିଜ୍ଜା ୨୦୧୦ ମସିହାରେ ସବୁଠୁ ଦାମୀ ପିଜ୍ଜା ନାଁରେ ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ହାସଲ କରିଥିଲା । ଏହି ପିଜ୍ଜାର ଟପିଙ୍ଗ୍ ସେଫ୍ ଖୁବ୍ ସୁନ୍ଦର ଭାବେ ସଜାଇଥିଲେ । ଏଥିରେ ସେ ସୁନାର ପତ୍ର ଦେଇ ପିଜ୍ଜାର ଟପିଙ୍ଗ୍ କରିଥିଲେ ।



**ଲୁଇସ୍ ଏକ୍ସଆଇଆଇଆଇ:**
ଏହା କୌଣସି ସାଧାରଣ ପିଜ୍ଜା ନୁହେଁ । କାରଣ ଏଥିରେ ରହିଛି କିଛି ସ୍ୱତନ୍ତ୍ର ଜିନିଷ । ଏହି ପିଜ୍ଜାକୁ ପ୍ରଥମ ଥର ପାଇଁ ଇଟାଲୀର ଜଣେ ସେଫ୍ ରେନାଟୋ ଭାଇଓଲା ତିଆରି କରିଥିଲେ । ଏଥିରେ ବଟର, ଚେରି ଟମାଟୋର, ବେବି କର୍ଣ୍ଣ, କ୍ୟାପସିଗମ୍ ରହିବା



ସହିତ ଡାଇମଣ୍ଡ ମଧ୍ୟ ରହିଥାଏ । ପିଜ୍ଜା ପ୍ରସ୍ତୁତ ହେବା ପରେ ଏହା ଉପରେ ଡାଇମଣ୍ଡ ଡଷ୍ଟ ପକାଯାଇଥାଏ । ଏହି ପିଜ୍ଜାର ମୂଲ୍ୟ ୭୭ଲକ୍ଷ ଟଙ୍କା । ଅନୁରୋଧ କ୍ରମେ ଏହି ପିଜ୍ଜା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୧ ଜୁଲାଇ ୨୦୨୦, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅସାନ୍ତ ସୀମାରେଖା...

ଯେତେବେଳେ ଆଲୋଚନା ବିଫଳ ହୁଏ, କୌଣସି ପକ୍ଷର ଜିଦ୍ ଏବଂ ଅହଙ୍କାର ଯୋଗୁଁ କୂଟନୈତିକ ପ୍ରୟାସ ବ୍ୟର୍ଥ ହୁଏ; ସେତେବେଳେ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଅପରିହାର୍ଯ୍ୟ ହୋଇପଡ଼େ । ପୂର୍ବ ଲଦାଖରେ ଏବେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ସେଥିରୁ ସୁରାକ ମିଳୁଛି ଯେ ଭାରତ-ଚୀନ ଯୁଦ୍ଧ ପାଇଁ ପ୍ରସ୍ତୁତ ଓ ଯେ କୌଣସି ମୁହୂର୍ତ୍ତରେ ଏହା ଆରମ୍ଭ ହୋଇଯାଇପାରେ । ଏହି ବିବାଦ ସୀମାରେଖାକୁ ନେଇ ଚାଲିଛି ଏବଂ ଉଭୟ ଭାରତ ଓ ଚୀନ୍ ପରସ୍ପରକୁ ଦୋଷାରୋପ କରୁଛନ୍ତି । ବାସ୍ତବରେ ଭାରତ ଚୀନ୍ ସୀମାରେଖାର ସ୍ଥିତି ଏତେ ଜଟିଳ ଯେ ସେଥିରେ ପ୍ରକୃତ ନିୟନ୍ତ୍ରଣ ରେଖା ବାହାରେ ଏହାର ସତ୍ତା ନିର୍ଣ୍ଣୟ କରିବା କଷ୍ଟ । ଚୀନ୍ କହୁଛି ସେ ମ୍ୟାକ୍ ମୋହନ ରେଖାକୁ ମାନିବ ନାହିଁ । ତିବ୍ବତ, ଭାରତ ଓ ତତ୍‌କାଳୀନ ବ୍ରିଟିଶ ସରକାର ମଧ୍ୟରେ ସ୍ୱାକ୍ଷରିକ ଚୁକ୍ତି ଅନୁସାରେ ଚିହ୍ନଟ ହୋଇଥିବା ମ୍ୟାକ୍‌ମୋହନ ରେଖା ବେଆଇନ; କାରଣ ତିବ୍ବତ ତାହାର ଏକ ଅଂଶବିଶେଷ ହୋଇଥିବାରୁ ତା'ଦ୍ୱାରା ସ୍ୱାକ୍ଷାରିତ ଚୁକ୍ତି ଚୀନ୍ ପାଇଁ ଗ୍ରହଣୀୟ ନୁହେଁ । ତେଣୁ ଏବେ ଯେଉଁ ଅଞ୍ଚଳ ସବୁ ଭାରତ ସୀମାରେ ଚୀନ୍‌ର ନିୟନ୍ତ୍ରଣରେ ରହିଛି ସେସବୁ ତାହାର ଏବଂ ଭାରତର ସେସବୁ ଉପରେ କୌଣରସି ଅଧିକାର ନାହିଁ । ଏପରିକି ୧୯୬୨ ଯୁଦ୍ଧ ପରେ ଆକ୍ସାଇ ଚୀନ୍‌ର ଅଧିକୃତ ଅଞ୍ଚଳ ଉପରେ ଭାରତର ଦାବି ନିରାଧାର । ମୋଟାମୋଟି ଭାବେ ଚୀନ୍ ସ୍ପଷ୍ଟ କରିଦେଇଛି ଯେ ସେ ମ୍ୟାକ୍‌ମୋହନ ରେଖା ନୁହେଁ; ବରଂ 'ବର୍ଡର ଅଫ୍ ହାବିଟ୍' ବା ନିଜ ଅକ୍ତିଆରରେ ଥିବା ଅଞ୍ଚଳ ଯାହା ଉପରେ ଅଧିକାର ସାବ୍ୟସ୍ତ କରିବାରେ ସେ ଅଭ୍ୟସ୍ତ, ସେ ଅଞ୍ଚଳ ତାହାର । ସେଇ ଯୁକ୍ତିରେ ଭାରତ ମଧ୍ୟ ନିଜର ଅଭ୍ୟସ୍ତ ସୀମାରେଖା ପାଇଁ ହକ୍‌ଦାର । ତା' ବାହାରେ ଭାରତୀୟ ଅଞ୍ଚଳକୁ ନିଜର କହି ଅଧିକାର କରିବାକୁ ଚୀନ୍‌ର ଯୁକ୍ତି ଓ ଦାବିକୁ ଭାରତ ଗ୍ରହଣ କରିବା ନିଶ୍ଚିତ ଭାବେ ଅସମ୍ଭବ । ସାମରିକ ବଳ ଦେଖାଇ କରାଯାଉଥିବା ଏଭଳି ଏକ ବିତଣ୍ଡା ଯୁକ୍ତିକୁ କୌଣସି ଦେଶ ଗ୍ରହଣ କରିପାରିବ ନାହିଁ । ଗୋଟିଏ ସାର୍ବଭୌମ, ସ୍ୱାଧୀନ ରାଷ୍ଟ୍ରର ଆଞ୍ଚଳିକ ଅଖଣ୍ଡତା ତା' ପାଇଁ ମହାର୍ଘ୍ୟ ତଥା ଅଲଂଘନୀୟ । ଦୀର୍ଘକାଳ ଧରି ନିଜ ମୂଳ ଭୂଖଣ୍ଡର ଏକ ଅବିଚ୍ଛେଦ୍ୟ ଅଙ୍ଗକୁ ବଳପୂର୍ବକ ଛଡ଼ାଇ ନେବା ପୂର୍ବରୁ ଭାରତ କ'ଣ, ଯେ କୌଣସି ଦେଶ ଯେ କୌଣସି ମୂଲ୍ୟ ଦେଇ ତା'ର ସୁରକ୍ଷା କରିବାକୁ ପଛେଇବ ନାହିଁ । ତେଣୁ ଯୁଦ୍ଧ ଯେତେବେଳେ ଲଦି ଦିଆଯିବ ତାକୁ ଲଢ଼ିବାକୁ ପଡ଼ିବ ଏବଂ ସେଇ ନ୍ୟାୟରେ ଭାରତ ମଧ୍ୟ ତା'ର ଆୟୋଜନ ଜାରି ରଖିଛି । ଭାରତ ଶାନ୍ତିପ୍ରିୟ ଦେଶ ହୋଇଥିଲେ ହେଁ ତା'ର ଆଞ୍ଚଳିକ ଅଖଣ୍ଡତା ପ୍ରତି ଆସିଥିବା ଅନିଚ୍ଛାକୃତ ଆହ୍ୱାନର ମୁକାବିଲା କରିବା ଛଡ଼ା ଅନ୍ୟ ଗତି ନାହିଁ । ପୂର୍ବ ଲଦାଖରେ ଚୀନ୍‌ର ସୈନ୍ୟ ସମାଗମ ଓ ଅସ୍ତ୍ରଶସ୍ତ୍ର ମୁତୟନ ବେଶ୍ ବ୍ୟାପକ ହୋଇଛି । ଭାରତ ମଧ୍ୟ ନିଜର ସାମରିକ ପ୍ରସ୍ତୁତି ଜୋର୍‌ଦାର୍ ଚଳାଇଛି । ସେଠାରେର ପ୍ରାୟ ଅଧଲକ୍ଷ ସୈନ୍ୟସାମନ୍ତ, ଲଢୁଆ ଯୁଦ୍ଧ ବିମାନ, ହେଲିକପ୍ଟର, ଆକାଶ କ୍ଷେପଣାସ୍ତ୍ର, ଆଧୁନିକ ତୋପ କମାଣ ଆଦି ଭାରତ ମୁତୟନ କରିଛି । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦଳୀୟ ବୈଠକ ଡକାଇ ପ୍ରମୁଖ ନେତାମାନଙ୍କ ସହ ସ୍ଥିତିର ସମୀକ୍ଷା କରିଛନ୍ତି । ଆମ ବିରୋଧୀ ଦଳର ଅଧିକାଂଶ ତୁଙ୍ଗ ନେତା ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜର ଦେଶପ୍ରେମ ଦେଖାଇ ସରକାରଙ୍କୁ ସମର୍ଥନ ଦେବା ସୁଖର ବିଷୟ । ଏହି ପରିସ୍ଥିତି ସରକାରଙ୍କୁ ସମାଲୋଚନା କରିବାର ସମୟ ନୁହେଁ, ବରଂ ସହଯୋଗର ବେଳ । ଶାନ୍ତି ପାଇଁ ଯଦି ଯୁଦ୍ଧ ଆବଶ୍ୟମ୍ଭାବୀ ତା' ହେଲେ ସେ ଲଢ଼େଇ ଲଢ଼ିବାକୁ ପଡ଼ିବ ଏବଂ ଏଥିରେ ଦ୍ୱିରୁକ୍ତିର ଅବକାଶ ନାହିଁ । ଦେଶ ଓ ସରକାରଙ୍କ ପାଇଁ ପ୍ରକୃତରେ ଏହା ଏକ ଚରମ ପରୀକ୍ଷାର କ୍ଷଣ । ଭାରତ ଏବେ କରୋନା ମହାମାରୀ ସହ ଲଢୁଛି । ତେଣେର ସମୟ ଉଣ୍ଡି ପଡ଼ୋଶୀ ନେପାଳ ଓ ପାକିସ୍ତାନ ଭାରତ ଉପରେ ଅକସ ସାଧୁଛନ୍ତି । କରୋନା ପ୍ରପୀଡ଼ିତ ଜାତୀୟ ଅର୍ଥନୀତି ଅତି ଖରାପ ଅବସ୍ଥାରେ ରହିଛି । ଏଭଳି ପରିସ୍ଥିତିରେ ଯୁଦ୍ଧ ଲଢ଼ିବା ସହଜ ନ'ହେଲେ ମଧ୍ୟ ଭାରତ ଏଥିପାଇଁ ଏକପ୍ରକାର ବାଧ୍ୟ ହୋଇଛି । ଯୁଦ୍ଧରେ ରଣକୌଶଳ ଓ ସମ୍ବଳର ଉପଯୁକ୍ତ ବିନିମୟ ଅଧିକ ମହତ୍ତ୍ୱ ରଖେ । ସମ୍ଭାବ୍ୟ ଲଢ଼େଇକୁ ଦୃଷ୍ଟିରେ ରଖି ଭାରତ ସରକାର ସୀମାନ୍ତ ଜାମ୍ମୁ ଏବଂ କାଶ୍ମୀରରେ ରନ୍ଧନଗ୍ୟାସ ଏବଂ ଅନ୍ୟାନ୍ୟ ଇନ୍ଧନ ଦୁଇମାସ ପାଇଁ ଭଣ୍ଡାର କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଆଗକୁ ବର୍ଷା ଓ ତା'ପରେ ଶୀତଦିନ ରହିଛି । ତେଣୁ ସେ ଅଞ୍ଚଳରେ ପର୍ଯ୍ୟାପ୍ତ ଇନ୍ଧନ ଓ ମହଜୁଦ ଓ ଅସ୍ତ୍ରଶସ୍ତ୍ର ଆଗୁଆ ମୁତୟନ ଜରୁରୀ । ଆହୁରି ମଧ୍ୟ ଏବେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ଯେଉଁ କ୍ରମାଗତ ବୃଦ୍ଧି କରାଯାଉଛି ତାହା ସେଇ ସମ୍ଭାବ୍ୟ ଯୁଦ୍ଧ ପାଇଁ ତୈଳସମ୍ପଦର ସଂରକ୍ଷଣ ତଥା ଅତିରିକ୍ତ ସମ୍ବଳ ସଂଗ୍ରହର ଏକ ପରିକଳ୍ପିତ ରଣନୀତି । ଅତଏବ ଏକ ଆସନ୍ନ ଅନିବାରଣୀୟ ସଂକଟର ମୁକାବିଲା ପାଇଁ ଭାରତ ସରକାରଙ୍କୁ କଠୋର ପଦକ୍ଷେପମାନ ନେବାକୁ ପଡ଼ିବ । ଯୁଦ୍ଧ ହେଲେ ସରକାର ନିଜର ସୈନ୍ୟସାମନ୍ତ ଓ ସାମରିକ ବଳ ନେଇ ଲଢ଼ିବେ, କିନ୍ତୁ ଏଥିରେ ଅସଲ ବଳ ଯୋଗାଇବେ ଦେଶର ଜନତା । ଆମ ବିଚାରରେ ଭାରତରେ ସେ ଦେଶପ୍ରେମର ଅଭାବ କିମ୍ବା ଭାରତବାସୀଙ୍କ ତ୍ୟାଗର ପଟାନ୍ତର ନାହିଁ । ଆସନ୍ତୁ ଭବିତବ୍ୟର ଅପେକ୍ଷାରେ ରହିବା ଓ ସରକାରଙ୍କୁ ସବୁମନ୍ତେ ସମର୍ଥନ ଦେବା ।




## କରଯୋଡ଼ି ଜଣାଉଛି

ଶରତ ଚନ୍ଦ୍ର ଜାଲି

କେହି ଦେଖିଅଛ ଈଶ୍ୱରଙ୍କୁ ମୋର
କହିବ କି ବିଶ୍ୱବାସୀ
କୋଳରେ ବସାଇ ଭକ୍ତିକୋଳି ଦେଇ
କରନ୍ତି ଭାବ ତୁଳସୀ ।

କଞ୍ଜନୟନରେ ନୟନ ମିଶାଇ
କିଛି କଥା କହିଥାନ୍ତି
କରୁଣା ଅର୍ଣ୍ଣବେ ଦିବାନିଶି ଆସି
କିଣନ୍ତି ପରମ ଶାନ୍ତି ।

କଠୋର ସାଧନ ସାଧିଥାନ୍ତି ନିତ୍ୟ
କରିବାକୁ ହୃଦହାର
କଟାକ୍ଷରେ ତାଙ୍କ କଟିଥାନ୍ତା ଦୁଃଖ
କଦନ ମାୟା ଅପାର ।

କିପରି ବଞ୍ଚିବି ଈଶ୍ୱରଙ୍କ ବିନା
କିଞ୍ଚିତ କାଳ ଭୁବନେ
କାଷ୍ଠାନିଷ୍ଠା ସବୁ ସମର୍ପିଛି ହୃଦୁ
କୁଳଧର୍ମ ଲଂଘି ମନେ ।

କବଳିତ ପ୍ରାଣ କୁବେର ସମାନ
କନକ ଭକତି ଭାବେ
କଫ, ବାତ, ପିତ୍ତ ରୁଦ୍ଧ ହୋଇଲାଣି
କିଏ ସେ ରଖିବ ଭବେ ।

କବାଟ ପଡ଼ିଛି ଦଶଦ୍ୱାରେ ମୋର
କପଟ ହୋଇଛି ଶୂନ୍ୟ
କେଶବ କେଶବ ରଟେ ନିରନ୍ତର
କେବଳ ଅନ୍ୱେଷ ପୂଣ୍ୟ ।

କନିଷ୍ଠ ଭକତ ହେ ଈଶ୍ୱର ତବ
କର ବା ନକର ମତେ
କର୍ତ୍ତବ୍ୟ କରମ କରି ମୁଁ ଚାଲିଛି
କୁପଥ ଛାଡ଼ି ସୁପଥେ ।

କି ଦିନ କି ରାତି ଉଜାଗରେ ବିତି
କୁଆଁ କୁଆଁ କାନ୍ଦେ ମନ
କାହିଁଅଛ ଈଶ ଆସବା ନଆସ
କାହାକୁ କରିବି ମାନ ।

କୌଣସି ମତେ ମୁଁ ଭୁଲିନି ତୁମକୁ
କରଯୋଡ଼ି ଜଣାଉଛି
କାର୍ପସ ସମାନ ପାପ ସାନୁମାନ
କୃପାଗ୍ନିରେ ଜାଳ କିଛି ।


+ ପଥରା, ଖଲ୍ଲିକୋଟ, ଗଂଜାମ
ମୋ: ୭୮୭୩୯୧୭୬୫୧


# ମୁଁ ବଞ୍ଚିବି

ଭାସ୍କର ଚନ୍ଦ୍ର ବିଶ୍ୱାଳ

ଜୀବ, ଜନ୍ତୁ, ପ୍ରାଣୀ, କୀଟ ପତଙ୍ଗ, ସଜୀବ, ନିର୍ଜନ, ପଶୁ, ପକ୍ଷୀ, ସ୍ଥଳଚର, ଜଳଚର, ଆକାଶଚର ସମସ୍ତଙ୍କୁ ନେଇ ସ୍ରଷ୍ଟାଙ୍କର ଏହି ଅଦ୍ଭୁତ ଓ ବିଚିତ୍ର ସୃଷ୍ଟିର ପରିକଳ୍ପନା । ସମସ୍ତ ସଜୀବ ପ୍ରାଣୀଙ୍କ ମଧ୍ୟରେ ମନୁଷ୍ୟ ହିଁ ଏକମାତ୍ର ସ୍ୱତନ୍ତ୍ର ଓ କଳ୍ପନାତୀତ ସୃଷ୍ଟି । ଆହାର, ନିଦ୍ରା, ମୈଥୁନ, ଭୟ- ଏଗୁଡ଼ିକ ମଧ୍ୟରେ ମନୁଷ୍ୟ ଓ ଅନ୍ୟପ୍ରାଣୀମାନଙ୍କ ମଧ୍ୟରେ ସାମଞ୍ଜସ୍ୟତା ଥିଲେ ମଧ୍ୟ କେବଳ ଜ୍ଞାନ, ବୁଦ୍ଧି ଓ ବିବେକ ବଳରେ ମନୁଷ୍ୟ ଅନ୍ୟ ସବୁ ପ୍ରାଣୀଙ୍କ ମଧ୍ୟରେ ଶ୍ରେଷ୍ଠତା ଓ ମହାନତା ଜାହିର କରିପାରିଛି । ତା'ଛଡ଼ା ଅନ୍ୟ ପ୍ରାଣୀମାନେ କେବଳ ଆହାର ଓ ନିଦ୍ରା ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟ ବିହୀନ ହୋଇଥିବା ବେଳେ ମନୁଷ୍ୟ କିନ୍ତୁ ବିଭିନ୍ନ ଉଦ୍ଦେଶ୍ୟ ସାଧନରେ ସର୍ବଦା ବ୍ରତୀ । ସେହି ଉଦ୍ଦେଶ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ହେଉଛି ମୋକ୍ଷ ବା ନିର୍ବାଣ ଯାହାକି ଅନ୍ୟ କୌଣସି ପ୍ରାଣୀଙ୍କଠାରେ ଦେଖାଯାଏନି ।

ଏହି ଉଦ୍ଦେଶ୍ୟ ସାଧନ ପାଇଁ ମଣିଷ ସେହି ସର୍ବଶକ୍ତିମାନ, ସର୍ବବ୍ୟାପୀ, ସର୍ବଦର୍ଶୀ, ସର୍ବହର୍ତ୍ତା, ସର୍ବକର୍ତ୍ତା, ସର୍ବଜ୍ଞାତା, ସର୍ବଶ୍ରୋତା, ସର୍ବବକ୍ତା, ସର୍ବଦାତା ପରମାତ୍ମା ବିଶ୍ୱନିୟନ୍ତା ଦିବ୍ୟଶକ୍ତିକୁ ଈଶ୍ୱର ବା ସ୍ରଷ୍ଟା ଜ୍ଞାନ କରି ତାର ସମସ୍ତ ଭକ୍ତି ଓ ବିଶ୍ୱାସକୁ ତାଙ୍କରି ପାଦ ତଳେ ଅଜାଡ଼ି ଦିଏ । ତାର ସେହି ବିଶ୍ୱାସକୁ ଦୃଢ଼ କରିବା ପାଇଁ ସେ ବିଭିନ୍ନ ପୂଜାର୍ଚ୍ଚନା କରି ନୈବେଦ୍ୟ ଅର୍ପଣ କରି ଆଶୀର୍ବାଦ ଓ କରୁଣା ଲାଭ କରିବା ପାଇଁ ମନର ଦୁଃଖ ବେଦନା ଜଣାଏ । ସେହି ପରମ କାରୁଣିକ, ସତ-ଚିତ୍ ଆନନ୍ଦ, ନିରାକାର ନିର୍ବିକାର ପରଂବ୍ରହ୍ମ ମଣିଷର ବିକାରଶୂନ୍ୟ, କାମନାରହିତ ଅନ୍ତରକୁ ପରୀକ୍ଷା କରି ତାର ମନସ୍କାମନା ପୂରଣ କରିବାରେ ସହାୟକ ହୁଅନ୍ତି । ମଣିଷ ସ୍ୱଚକ୍ଷୁରେ ତାର ଆରାଧ୍ୟ ଓ ଉପାସ୍ୟ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ସେ ନିଶ୍ଚୟ ଅନୁଭବ କରିପାରେ । ଆଶୀର୍ବାଦର ସାଫଲ୍ୟତାକୁ ସେ ଉପଭୋଗ କରିପାରେ । କିନ୍ତୁ ସର୍ବଦା ମନେ ରଖିବାକୁ ହୁଏ- ସେହି ପରମାତ୍ମା ନିର୍ଗୁଣ, ନିଷ୍କାମ, ମୃତ୍ୟୁଞ୍ଜୟୀ । ସେ ସର୍ବଦା ଭାବକୁ ନିକଟ, ଅଭାବକୁ ଦୂର । ସେଥିପାଇଁ କୁହାଯାଏ- ବିଶ୍ୱାସେ ମିଳଇ ହରି- ତର୍କେ ବହୁ ଦୂର । ଭାବର ଗଭୀରତା ଓ ପୂର୍ଣ୍ଣ ସମର୍ପଣ ବିଶ୍ୱାସର ଆନ୍ତରିକତା ଉପରେ ତା'ର ପ୍ରାର୍ଥନାର ପରିପୂର୍ଣ୍ଣତା ନିର୍ଭର କରେ । ତେବେ ଏକଥା ନିଶ୍ଚିତ ଯେ ସେହି ସର୍ବ ଶକ୍ତିମାନ ଦିବ୍ୟଶକ୍ତି ଯେ କେବଳ ମଣିଷର ଆକୁଳ ପ୍ରାର୍ଥନା ଶୁଣନ୍ତି - ତାହା ନୁହେଁ, ପଶୁପକ୍ଷୀଙ୍କର କାତର ପ୍ରାର୍ଥନା ମଧ୍ୟ ଶୁଣିବାରେ ହେଳା କରନ୍ତି ନାହିଁ । ଶାସ୍ତ୍ର ପୁରାଣରେ ଏହାର ଉଦାହରଣର ଅଭାବ ନାହିଁ । ମୃଗୁଣୀ ଓ ଗଜ ଭଳି ପଶୁ ଓ ଭରତିଆ (ଭଦଭଦଳିଆ) ଭଳି ପକ୍ଷୀଙ୍କର ଆର୍ତ୍ତଭରା କାତର ମୀନତି ଶୁଣି ବିପଦରେ ତାଙ୍କୁ ସାହାଯ୍ୟ କରିବାରେ ଅବହେଳା କରିନାହାନ୍ତି । ତେବେ ଗଭୀର ବିଶ୍ୱାସ ଓ ପ୍ରଗାଢ଼ ଭକ୍ତି ହିଁ ଅନ୍ତର୍ଯ୍ୟାମୀଙ୍କର କରୁଣା ଲାଭ ପାଇଁ ସହାୟକ ହୁଏ । ନିଜର ଆତ୍ମନିବେଦନ, ଅନ୍ତରର ବ୍ୟଥା ପ୍ରଭୁଙ୍କ ପାଖରେ ପହଞ୍ଚିପାରେ । ଶାସ୍ତ୍ର, ପୁରାଣ, ଇତିହାସ, ସାହିତ୍ୟ, ଗାଉଁଲି ଉପାଖ୍ୟାନ, ଜଗଜ୍ମାଳି ସବୁଠି ବିଭିନ୍ନ ଜାଜ୍ୱଲ୍ୟମାନ ଦୃଢ଼ ପ୍ରମାଣ ଥିଲେ ମଧ୍ୟ ବର୍ତ୍ତମାନ ଆଧୁନିକ ଯୁଗର ବିଜ୍ଞାନୀ ମଣିଷ ତାକୁ କାହିଁକି ସହଜରେ ବିଶ୍ୱାସ କରି କାର୍ଯ୍ୟପନ୍ଥା ଗ୍ରହଣ କରୁନି, ଏହାହିଁ ଚିନ୍ତାର ବିଷୟ । ସେହି ନିରାକାର ବିଷ୍ଣୁଙ୍କର ଏହା ମଧ୍ୟ ଏକ ପରୀକ୍ଷା ହୋଇପାରେ ।

ଏହି ୨୦୨୦ ମସିହାରେ ସମଗ୍ର ପୃଥିବୀର ମାନବଜାତି ଚିତ୍କାର କରୁଛି- "କରୋନା ଭଳି ଏକ ଅପ୍ରାକୃତିକ ଅଦୃଶ୍ୟ ଭୂତାଣୁର ଆକ୍ରମଣ ଯୋଗୁଁ ସମଗ୍ର ବିଶ୍ୱ ମହାସଂକଟ ଦେଇ ଗତି କରୁଛି ।" ଯେଉଁ ରୋଗ ପାଖରେ ଶୁଦ୍ଧ-ଅଶୁଦ୍ଧ କିମ୍ବା ବାଳ ଯୁଦ୍ଧର ବିଚାର ନାହିଁ, ଯେକୌଣସି ବୟସର ଲୋକକୁ ଏହା ଆକ୍ରମଣ କରିପାରେ କିମ୍ବା ଯେତେ ଶୁଦ୍ଧ ବା ପରିଷ୍କାର ରହିଲେ ମଧ୍ୟ ଏ ରୋଗରୁ ଯେ ମୁକ୍ତି ମିଳିବ, ତାର କୌଣସି ସ୍ଥିରତା ବା ନିର୍ଣ୍ଣିତତା ନାହିଁ । ବଡ଼କଥା ହେଲା- ସେ ରୋଗ ପାଇଁ ଔଷଧ ନାହିଁ । କେବଳ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସରକାର କେତୋଟି ନୀତି ନିୟମ ପ୍ରଣୟନ କରିଛନ୍ତି ଓ ସେଗୁଡ଼ିକୁ ନିଷ୍ଠା ଓ ଆନ୍ତରିକତାର ସହ ପାଳନ କରିବା ପାଇଁ ଦେଶବାସୀଙ୍କୁ ସୂଚାଇ ଦେଉଛନ୍ତି ଓ ବିନୀତ ଅନୁରୋଧ କରୁଛନ୍ତି । ଦିନେ ଅଧେ ନୁହେଁ- ଦୀର୍ଘଦୀନ ଧରି ନିୟମଗୁଡ଼ିକୁ ପାଳନ କରିବା ଯେ କେତେ କଷ୍ଟ, ତାହା ସାଧାରଣ ଲୋକେ ଉପଲବ୍ଧି କରିସାରିଲେଣି । ଜିନିଷପତ୍ର କିଣିବାକୁ ଯାଇ, ମନ୍ଦିରକୁ ପୂଜା କରିବାକୁ ଯାଇ, ଟ୍ରେନ୍, ବସ୍‌ରେ ଯାତ୍ରା କରିବା ବେଳେ କିମ୍ବା ରେସନ୍‌କାର୍ଡ ଧରି ଜିନିଷ ଆଣିଲା ବେଳେ ସାମାଜିକ ଦୂରତା ରକ୍ଷା କରିବା ଯେ ଏକାବେଳକେ ଅସମ୍ଭବ, ତାହା କେତୋଟି ସ୍ଥାନରେ ମୋକର୍ଦ୍ଦମା ହେବା ଦ୍ୱାରା ବେଶ୍ ପ୍ରମାଣିତ ହୋଇସାରିଛି । ଏହି ଅଦୃଶ୍ୟ ଭୂତାଣୁ ସ୍ଥାନ, କାଳ, ପାତ୍ର ପ୍ରତି ଭ୍ରୂକ୍ଷେପ ନକଲେ ମଧ୍ୟ ବିଜ୍ଞାନ ଯୁଗର ଦିଗ୍‌ବିଜୟୀ ମଣିଷ ତା ବିରୁଦ୍ଧରେ ବିଶ୍ୱଯୁଦ୍ଧ ଜାରି ରଖିଛି ଏବଂ ବିଜୟର ଆଶା ପୋଷଣ କରି ସମୟକୁ ଅପେକ୍ଷା କରିଛି । ବେଳେ ବେଳେ କରୋନାର ପ୍ରକୋପ ସୀମାତୀତ ହୋଇପଡୁଥିବାରୁ ଅସହାୟ ମଣିଷ ନିରୂପାୟ ହୋଇ ଏହି ଦୁର୍ଦ୍ଦାନ୍ତ ଶତ୍ରୁକୁ ପରାହତ କରିବା ପାଇଁ ବିଭିନ୍ନ ଉପାୟ ଚିନ୍ତା କରିବାରେ ଲାଗିଛି ।

ଅତୀତରେ ବହୁ ମହାମାରୀ ଧରାପୃଷ୍ଠରେ ଦେଖାଦେଇଛି । ହଇଜା, ବସନ୍ତ, ପ୍ଲେଗ୍, ଦୁର୍ଭିକ୍ଷ, ବିଶ୍ୱଯୁଦ୍ଧ ଭଳି ମହାମାରୀ ସଂକଟ ମଣିଷର ମେରୁଦଣ୍ଡ ଭାଙ୍ଗି ଦେଇଛି । ସେତେବେଳେ ବିଜ୍ଞାନର ଉନ୍ନତି ହୋଇନଥିଲା । ଯାତାୟତ, ସମ୍ବାଦ ସରବରାହ, ଖାଦ୍ୟସାମଗ୍ରୀ ପରିବହନ ଓ ଯୋଗାଣ, ଯାନବାହନ ଚଳାଚଳ ଇତ୍ୟାଦିରର କୌଣସି ସୁବିଧା ନଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଲୋକମାନେ ପୋକମାଛି ଭଳି ମରୁଥିଲେ ।

ଆଜି ଅବଶ୍ୟ ସେ ଯଗୁ ନାହିଁ । କିନ୍ତୁ ଗୋଟିଏ କଥା ମାନିବାକୁ ହେବ, ବିଜ୍ଞାନ ଯୁଗରେ ମଣିଷ ନିଜକୁ ଦକ୍ଷ ଓ ପରିପକ୍ୱ ମନେ କରି ସେହି ସର୍ବଶକ୍ତିମାନ ଓ ସର୍ବକର୍ତ୍ତାଙ୍କ ଆସ୍ଥା କମେଇ ଦେଇଛି । ଅନ୍ୟ ଭାଷାରେ କହିବାକୁ ଗଲେ ନିଜକୁ ଜ୍ଞାନୀ ଓ ସବଳ ମନେକରି ନିଜ ଅନ୍ତରର ନିବେଦନ, ମନର ଦୁଃଖ, ପାରିପାର୍ଶ୍ୱିକ ଅସହାୟତା କାହାରି ଆଗରେ ପ୍ରକାଶ କରିବାକୁ ନିଜର ଚରମ ଅପାରଗତା ବୋଲି ଧାରଣା ହେଉଛି ବୋଧ ହୁଏ । ସେଥିପାଇଁ ସେ ସ୍ରଷ୍ଟାଙ୍କର ଅମାପ ଶକ୍ତିକୁ ମଧ୍ୟ ବିଶ୍ୱାସ କରିପାରୁନି ।

କିନ୍ତୁ ଅତୀତରେ ଯେତେବେଳେ ବି ମହାମାରୀର ତାଣ୍ଡବ ଦେଖାଦେଇଛି, ଜଗତର କଲ୍ୟାଣ ପାଇଁ ବିଶ୍ୱର ହିତ ପାଇଁ, ସମାଜର ସୁରକ୍ଷା ପାଇଁ, ମାନବ ଜାତିର ସମୂହ ପ୍ରାର୍ଥନା ବିଶ୍ୱକୁ ରକ୍ଷା କରିବାରେ ସହାୟକ ହୋଇଛି । ଜାତି ରକ୍ଷା ପାଇଛି, ଶାନ୍ତି ବିରାଜିଛି । ଆଜି ମଧ୍ୟ ସେହି ଅପରାଜେୟ ଅଦୃଶ୍ୟ ଶତ୍ରୁ କବଳରୁ ନିରୀହ ଜୀବନ ରକ୍ଷା ପାଇଁ ସମୂହ ପ୍ରାର୍ଥନା ଆବଶ୍ୟକ । ଏକ ମନ ଏକ ପ୍ରାଣ ହୋଇ ଦୃଢ଼ ନିଷ୍ଠା, ଆଗ୍ରହ, ଭକ୍ତି ଓ ପ୍ରେମର ଅତୁଟ ପ୍ରାର୍ଥନା ବଳରେ ବିଶ୍ୱପ୍ରାଣ, ଦୟାମୟଙ୍କ ମନରେ କରୁଣା ଉଦ୍ରେକ ହୋଇପାରିବ ଓ ମାନବ ସମାଜ ଅପଶକ୍ତିର ତାଣ୍ଡବଠାରୁ ନିଶ୍ଚୟ ଅନାୟାସାରେ ରକ୍ଷା ପାଇପାଇବ ।

ଅବଶ୍ୟ ଆମର ଧର୍ମନିରପେକ୍ଷ ରାଷ୍ଟ୍ର । ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ଶ୍ରେଣୀର ଲୋକ ଏଠାରେ ଏକତ୍ର ବାସ କରନ୍ତି । ତେଣୁ କୌଣସି ବର୍ଗର ଲୋକଙ୍କୁ ବାଧ ବାଧକତା ଲଦି ନଦେଇ, କାହାର ଧର୍ମୀୟ ଭାବନା ବା ମନର ଆବେଗ ଉପରେ ଆଘାତ ନ ଆଣି ଏପରି ପ୍ରାର୍ଥନା କରାଯାଇପାରେ ଯାହାକି ସମୂହ ଭବେ ଗ୍ରହଣୀୟ ହେବ । ପ୍ରତ୍ୟେଖ ଗୋଷ୍ଠୀ ନିଜର ଆରାଧ୍ୟଙ୍କୁ କୋହଭରା ଦୁଃଖ ଜଣାଇ ପ୍ରାର୍ଥନା ମାଧ୍ୟମରେ କରୁଣା, ଦୟା, ଆଶୀର୍ବାଦ, ସାହାଯ୍ୟ ସହାନୁଭୂତି ଭିକ୍ଷା କଲେ ସମାଜର ମଙ୍ଗଳ ହୋଇପାରନ୍ତା ବୋଲି ବିଶ୍ୱାସ । ବିନ୍ଦୁ ବିନ୍ଦୁ ଜଳ ମିଶି ମହାସାଗର ସୃଷ୍ଟି ହେବା ଭଳି ଏହି ନିସ୍ୱାର୍ଥପର ବ୍ୟକ୍ତିଗତ ପ୍ରାର୍ଥନା, ସମୂହ ଭାବରେର ଗୁଞ୍ଜରିତ ହୋଇ ମହାଶକ୍ତି ରୂପରେ ପରିଣତ ହୋଇ ତ୍ରାଣକର୍ତ୍ତାଙ୍କର କିଞ୍ଚିତ କରୁଣା ପାଇବାରେ ସହାୟକ ତଥା ସଫଳ ହେବ- ଏଥିରେ ସନ୍ଦେହ ନାହିଁ । ଅବଶ୍ୟ ଏହା ବିଶ୍ୱାସ ଓ ଭକ୍ତିର ଆବେଗ ଉପରେ ନିର୍ଭର କରେ । ଈଶ୍ୱରଙ୍କଠାରେ ଦୃଢ଼ ଓ ଗଭୀର ଆସ୍ଥା, ନିଶ୍ଚଳ ଏକାଗ୍ରତା, ପ୍ରାଣଭରା ବିଶ୍ୱାସ ନିଶ୍ଚୟ ଏ ମହାମାରୀ ବିପଦରୁ ରକ୍ଷା କରିପାରିବ । ସେ ପ୍ରାର୍ଥନାର ଶକ୍ତି ଯଦି ଦୃଢ଼ ହେବ, ସେ ନିଶ୍ଚୟ ସର୍ବଶକ୍ତିମାନଙ୍କର କରୁଣାକୁ ଆକର୍ଷଣ କରି ଆଣିବ ।

"ନିଷ୍ଠା ଭକ୍ତି ପ୍ରେମ ହୃଦୟେ ଭରି, ପୂର୍ଣ୍ଣ ସମର୍ପଣେ କଲେ ଗୁହାରୀ ।

ଗୋଲକ ବିହାରୀ ହେବେ ସଦୟ, ମିଳିବ କରୋନା ରକ୍ଷା ଉପାୟ ।"

ଏଇଟା ଅବଶ୍ୟ କଳିଯୁଗ । ତ୍ରିପାଦ ପାପର ପ୍ରାଦୁର୍ଭାବ ସମୟରେ ଧର୍ମ ଓ ଭକ୍ତିର ପ୍ରଭାବ ନ୍ୟୁନ । ତଥାପି ଧର୍ମର ଜୟ ଯୁଗେ ଯୁଗେ । ଭକ୍ତିର ପ୍ରଭାବର ତୁଳନା ନଥାଏ । ସେଥିପାଇଁ ଧର୍ମ ଓ ଭକ୍ତିକୁ ଅନ୍ତର ମଧ୍ୟରେ ଦୃଢ଼ ଓ ପ୍ରବଳ ନିଷ୍ଠାର ସହ ଏକତ୍ର କରି ଉପଯୋଗ କଲେ ତାହା ଯେ ଜାତି, ଦେଶ ତଥା ସାରା ବିଶ୍ୱର ରକ୍ଷା କବଚ ଭଳି ସାହାଯ୍ୟକାରୀ ହେବ- ଏଥିରେ ସନ୍ଦେହ ନାହିଁ । ଏଥିପାଇଁ କେବଳ ସମ୍ମିଳିତ ଚେଷ୍ଟା ଓ ଉପଯୁକ୍ତ ପ୍ରେରଣା ଓ ଉତ୍ସାହ ଆବଶ୍ୟକ । ପ୍ରାର୍ଥନାର ଶକ୍ତି ଅନାଦି, ଅନନ୍ତ, ଅବ୍ୟୟ, ଅଜେୟ, ଅବ୍ୟକ୍ତ, ଅଶ୍ରୁତ, ଅପରାଜୟ, ଅଦୃଶ୍ୟ, ଅବାଧ, ଅପରାହତ ।

ହେ ମହାପ୍ରଭୁ ଚଉାବାହା, ସର୍ବବିପଦେ ତୁହି ସାହା ।

ସମସ୍ତେ ହୁଅ ଏକାକାର, ଦୁଃଖରୁ ମିଳିବ ନିସ୍ତାର ।


+ ମୁଖୁରା, ରେମୁଣା, ବାଲେଶ୍ୱର-୭୫୬୦୧୯
ମୋ: ୮୧୭୮୨୫୬୪୦୦
ଫୋନ: ୦୬୭୮୨୨୭୫୭୦୭


# ଡ୍ରାଗନ ସହ ବିବାଦ

ଡାକ୍ତର ସୁରେନ୍ଦ୍ର ନାଥ ଦାଶ



ଯେତେବେଳେ ଶହଶହ ବର୍ଷ ଧରି ନିଜ ନିଜ ଭିତରେ କଳହ କରୁଥିବା ୟୁରୋପୀୟ ରାଷ୍ଟ୍ର ମାନେ ପରସ୍ପରର ଶତ୍ରୁତା ଭୁଲି ୟୁରୋପୀୟ ରାଷ୍ଟ୍ରସଂଘ ଗଢି ଦେଶ ଦେଶ ମଧ୍ୟରେ ଥିବା ଭୌଗୋଳିକ ସୀମାର ଉଚ୍ଛେଦ ଆରମ୍ଭ ଦିଗରେ ଅଗ୍ରସର ହେଲେଣି, ସେତେବେଳେ ସେମାନଙ୍କ ଦ୍ୱାରା ଦୀର୍ଘଦିନ ପରାଧିନତାର ଶିକୁଳିରେ ଆବଦ୍ଧ ଥିବା ପ୍ରାଚ୍ୟର ଦିଓଟି ପୁରାତନ ବନ୍ଧୁ ଓ ସଂସ୍କୃତି ସମ୍ପନ୍ନ ରାଷ୍ଟ୍ର ରକ୍ତାକ୍ତ କଳହରେ ସଂପୃକ୍ତ ହେବା ପ୍ରାଚ୍ୟର କୋଟିକୋଟି ଲୋକଙ୍କ ପାଇଁ ଦୁଖଃର ବିଷୟ ।

ଏହି ଦିଓଟି ଦେଶ ଚିନ ଓ ଭାରତରେ ମାନବ ସଭ୍ୟତାର ଆଦି ପର୍ବ ଆରମ୍ଭ ହୋଇଥିଲା । ଉଭୟ ଜନସଂଖ୍ୟାରେ ପୃଥିବୀ ର ଏକ ନମ୍ବର ଓ ଦୁଇ ନମ୍ବର ରାଷ୍ଟ୍ର । ଏହି ବିପୁଳ ମାନବ ସମ୍ବଳ କୁ ବିନିଯୋଗ କରି ସେମାନେ ନିକଟ ଅତିତରେ ୟୁରୋପୀୟ ରାଷ୍ଟ୍ର ମାନଙ୍କୁ ପଛରେ ପକାଇ ଆର୍ଥିକ ମହାଶକ୍ତିର ମାନ୍ୟତା ପାଇଛନ୍ତି । ବିଶେଷତଃ ଭାରତ ର ପ୍ରସାରିତ ବଜାର ଚିନ ଦ୍ରବ୍ୟର ବିପଣୀ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି । ଭାରତର ବୌଦ୍ଧଧର୍ମ ଚିନର ରାଷ୍ଟ୍ର ଧର୍ମରୂପେ ଗୃହିତ ହୋଇଛି ଓ ପ୍ରାଚୀନ ଚାଇନା ବା ଡ୍ରାଗନ ରାଜ୍ୟରୁ ହଜାର ହଜାର ଛାତ୍ର ଓ ଭ୍ରମଣକାରୀ ଜ୍ଞାନ ଅର୍ଜନ ପାଇଁ ଭାରତକୁ ଧାଇଁ ଆସିଛନ୍ତି ।

ତାପରେ ଅନ୍ଧକାର ମୟ ଯୁଗ ଆରମ୍ଭ ହେଲା । ଭାରତ ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ଅଧିକୃତ ହେଲା । ଚିନର ଉପକୂଳ ବନ୍ଦର ମାନ ୟୁରୋପୀୟ ମାନଙ୍କ ଆଡାସ୍ଥଳି ହୋଗଲା । ଯୁଦ୍ଧ ଦ୍ୱାରା ଚିନକୁ ପରାସ୍ତ କରି ସେମାନଙ୍କ ଉପରେ ଅଫିମ ବ୍ୟବହାର କୁ ଲଦି ଦେଲେ । ୧୯୪୭ ମସିହାରେ ଭାରତ ସ୍ୱାଧିନ ହେଲା । ଦ୍ୱିତିୟ ମହାଯୁଦ୍ଧ ବେଳେ ଜାପାନ ଦ୍ୱାରା ଅଧିକୃତ ଚିନ ୧୯୪୯ ମସିହାରେ ମୁକ୍ତ ହୋଇ ମାଓସେତୁଙ୍ଗଙ୍କ ନେତୃତ୍ୱରେ ସାମ୍ୟବାଦ ଶାସନପ୍ରତିଷ୍ଠା କଲା । ଭାରତରେ ଗଣତନ୍ତ୍ର ପ୍ରତିଷ୍ଠା ହେଲା । ଉଭୟ ଦେଶ ମଧ୍ୟରେ ବନ୍ଧୁତା ଶିଖର ଛୁଇଁଲା । ଭାରତର ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁ ଓ ଚିନର ପ୍ରଧାନ ମନ୍ତ୍ରୀ ଚାଓ-ଏନ-ଲାଏ ପରସ୍ପର ବନ୍ଧୁ ହୋଇଗଲେ । ଉଭୟ ଦେଶରେ ହିନ୍ଦି-ଚିନି ଭାଇ ଭାଇ ଡାକ ସବୁଆଡେ ଶୁଭିଲା । ୧୯୫୪ ମସିହାରେ ବାନ୍ଦୁ ସମ୍ମିଳନୀରେ ଚିନ ନେହେରୁଙ୍କ ଦ୍ୱାରା ପ୍ରଣୀତ ପଂଚଶୀଳ ଘୋଷଣା ପତ୍ରରେ ସ୍ୱାକ୍ଷର କଲା । ଶାନ୍ତିର ଦୂତ ରୂପେ ନେହେରୁଙ୍କ ବିଶ୍ୱରେ ଖ୍ୟାତି ଚିନର ଇର୍ଷାର କାରଣ ହୋଇପଡିଲା । ତା ସତ୍ୱେ ବିଶ୍ୱରେ ଏକଘରକିଆଥିବା ଚିନକୁ ଜାତିସଂଘର ସଦସ୍ୟତା ଦେବାକୁ ଭାରତ ସବୁବେଳେ ଦାବି କରିଆସୁଥିଲା ।

ପାଉଁଶ ତଳ ନିଆଁ ଭଳି ଉଭୟ ଦେଶ ମଧ୍ୟରେ ଭିତରେ ଭିତରେ ମତପ୍ରାର୍ଥକ୍ୟ ବଢି ଚାଲିଥିଲା । ୧୯୫୦ ମସିହାରେ ଚିନ ବଫର ରାଜ୍ୟ ତିବ୍ବତ ଅଧିକାର କଲାପରେ ସମସ୍ୟା ଆରମ୍ଭ ହେଲା । ଇଂରେଜ ମାନଙ୍କ ସମୟରୁ ତିବ୍ବତ ଭାରତର ରକ୍ଷିତ ରାଜ୍ୟଥିଲା । ତାର ଡାକ କାରବାର ଭାରତ କରୁଥିଲା । ରାଜଧାନୀ ଲାସା ରେ ଆମର ଏକ ସୈନ୍ୟ ଛାଉଣି ଥିଲା । ଚିନ ଓ ଭାରତ ମଧ୍ୟରେ ୩୨୨୦ କିଲୋମିଟର ଲମ୍ବର ସିମାରେଖା ରହିଛି । ନିଜର ସୁବିଧା ମୁତାବକ ପୂର୍ବ ରେ ମାକମୋହନ ଲାଇନ ଓ ପଶ୍ଚିମରେ ଅକସାଇ ଚିନ-ଲାଦାଖର ଜନସନ-ମାକ ଡୋନାଲଡ-ମାକକର୍ଟିନ ଲାଇନ ସିମାରେଖା ରୁପେ ଏକତରଫା ଇଂରେଜ ମାନେ ସ୍ଥିର କରିଥିଲେ । ଏହା ମଧ୍ୟରେ ଭୁଟାନ, ସିକିମ ଓ ନେପାଳ କୁ ବଫର ରାଜ୍ୟର ମାନ୍ୟତା ଦେଇଥିଲେ । ଚିନର ତିବ୍ବତ ଅଧିକାରକୁ ନେହେରୁ ସ୍ୱିକାର କରିବା ଫଳରେ ନୁଆ ସମସ୍ୟା ସୃଷ୍ଟି ହେଲା । ଭାରତକୁ ନିଜର ତ୍ରାଣକର୍ତ୍ତାରୂପେ ଭାବୁଥିବା ତିବ୍ବତର ଲୋକେ ନିରାଶ ହେଲେ ।୧୯୫୮ ମସିହାରେ ଚିନ ବିରୁଦ୍ଧରେ ବିଦ୍ରୋହ କଲେ । ଚିନ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲା । ରକ୍ଷା ପାଇବା ପାଇଁ ତିବ୍ବତର ଶାସକ ଓ ସର୍ବୋଚ୍ଚ ଧର୍ମଗୁରୁ ଦଲାଇଲାମା-୧୪ ଭାରତ ପଳାଇ ଆସିଲେ । ଭାରତ ତାଙ୍କୁ ଆଶ୍ରୟ ଦେବାରୁ ଚିନ ପ୍ରତିବାଦ କଲା ।୧୯୧୪ ମସିହାରେ ସିମଳା ଠାରେ ସ୍ଥିର କରୁଥିବା ସୀମାରେଖା ର ପରିବର୍ତ୍ତନ ଚିନ ଦାବିକଲା । ଉତର ପୂର୍ବ ସୀମାନ୍ତ ପ୍ରଦେଶ ବା ନେଫା ସମେତ ଲାଦାଖର ଅକସାଇ ଚିନକୁ ନିଜର ବୋଲି ଦାବିକଲା । ଲାଦାଖରେ ସିମାନ୍ତ ସଂପୂର୍ଣ୍ଣ ଅସ୍ୱଷ୍ଟ ଥିଲା ।୧୬ ହଜାର ଫୁଟ ଉଚ୍ଚରେ ତାହା ଜନଶୂନ୍ୟ ଅଂଚଳ ଥିଲା । ଏହା ମଧ୍ୟ ଦେଇ ଚିନ ତାର ଦୂରରେ ଥିବା ସିକିୟାଂ ପ୍ରଦେଶକୁ କାରାକେରାମ ରାଜପଥ ତିଆରି କରିସାରିଥିଲା । ଭାରତ ଜାଣିଲା ବେଳକୁ ରାସ୍ତା କାମ ସରିଥିଲା । ପାର୍ଲିଆମେଂଟରେ ବିରୋଧି ମାନଙ୍କର ପ୍ରଶ୍ନର ଉତରରେ ନେହେରୁ କହିଥିଲେ, "ଘକ୍ଟଶ୍ବ ବ ଭକ୍ଷବୟର ଙ୍କଲ ଶକ୍ବବଶ୍ବଶ୍ବ ଶକ୍ବଙ୍କଙ୍ଗଶ୍ବ ଗ୍ବଷରକ୍ବର"। ତାର ଉତର ରେ ସଭ୍ୟ ଭାଇମହାବୀର ଥଟ୍ଟାକରି ନିଜର ଚନ୍ଦା ମୁଣ୍ଡକୁ ଦେଖାଇ କହିଥଲେ, "ଓ ଷବଙ୍ଗର ଭକ୍ଟ ଷବସକ୍ବ ସଭ ଞ୍ଚଛ ଷରବୟ, ଗ୍ବଷବକ୍ଷକ୍ଷ ଓ ମଙ୍କଶ୍ବ ସଗ୍ବ"।

ଚିନର ସୀମା ପୁନର୍ନିର୍ଦ୍ଧାରଣ ଡାକରାକୁ ନେହେରୁ ସଂପୂର୍ଣ୍ଣ ପ୍ରତ୍ୟାଖାନ କଲେ । ଚିନ ଅକସାଇ ଚିନ ତାର ଅଧିକାର ବଦଳରେ ପୂର୍ବରେ ନେଫାକୁ ଭାରତର ଅଂଚଳ ବୋଲି ସ୍ୱୀକାର ପ୍ରସ୍ତାବକୁ ନେହେରୁ ପ୍ରତ୍ୟାଖାନ କଲେ । ତା ବଦଳରେ ଭାରତୀୟ ସୈନ୍ୟ ମାନଙ୍କୁ ସୀମାନ୍ତରେ ମୁତୟନ ପାଇଁ ସେନାପତି ବିଏମ କାଉଲଙ୍କୁ ନର୍ଦ୍ଦେଶ ଦେଲେ । ଏହା ସଂପୂର୍ଣ୍ଣ ଭ୍ରମାତ୍ମକ ଆଦେଶ ବୋଲି ପରବର୍ତ୍ତି କାଳରେ ସାମରିକ ବିଶାରଦ ମାନେ ସ୍ୱୀକାର କରିଛନ୍ତି । ସ୍ୱାଧିନତା ପରେ ଆମେ ଶାନ୍ତି ଚାହୁଁ ସ୍ଲୋଗାନ ଦେଇ ପ୍ରତିରକ୍ଷାକୁ ଚରମ ଅବହେଳା କରାଗଲା । ସିମାନ୍ତରେ ରାସ୍ତା ନଥିଲା । ଯବାନଙ୍କ ହାତରେ ପୁରୁଣାକାଳିଆ ବନ୍ଧୁକ ଥିଲା । ଦେହକୁ ଶୀତ ବସ୍ତ୍ର ନଥିଲା । ପାଦରେ ବରଫ ଯୋତା ନଥିଲା । କୌଣସି ସାମରିକ ମେଂଟରେ ନଥିବାରୁ ଭାରତକୁକେହି ସାହାଯ୍ୟ କଲେ ନାହିଁ । ଏପରି ସ୍ଥଳେ ଆଦେଶ ଦିଆଗଲା, 'ରୱାର୍ଡ ପଲିସି, ଚାଇନା ସୈନ୍ୟଙ୍କୁ ଫିଙ୍ଗି ଦିଅ (ଞ୍ଜଷକ୍ବଙ୍କଙ୍ଗ ଉଷସଭରଶ୍ବ କ୍ବଙ୍କଶ୍ବ) । ଏପରି ଅବାସ୍ତବ ଆଦେଶକୁ ପାଳନ ପାଇଁ ଭାରତୀ ସୈନ୍ୟ ମାନେ ସୀମାନ୍ତ ଅତିକ୍ରମ କରି ମାକମୋହନ ରେଖାର ଉତର କୁ ଶିବିର ସ୍ଥାପନ କରି ଚିନର ଫାଶରେ ପଡିଗଲେ । ପ୍ରଥମେ ଚିନ ସେନା ପଛକୁ ଘୁଂଚିଗଲେ । ମାତ୍ର୧୯୬୨ ମସିହା ଅକ୍ଟୋବର ୨୦ ତାରିଖ ଦିନ ୩୨୨୦ କଲୋମିଟର ଦୀର୍ଘ ସୀମାନ୍ତରେ ଅସଂଖ୍ୟ ଚିନର ଲାଲ ସେନା ପ୍ରଚଣ୍ଡ ଆକ୍ରମଣ ଭାରତୀୟ ସେନାଙ୍କ ଉପରେ ଆରମ୍ଭ କରିଦେଲେ । ଅପ୍ରସ୍ତୁତ ଭାରତୀୟ ସେନା ଅନେକ ହତାହତ ହୋଇ ପଛ କୁ ଘୁଂଚିବାକୁ ଲାଗିଲେ । ପୂର୍ବରେ ତ୍ୱାୱାଙ୍ଗ ଓ ପଶ୍ଚିମରେ ଚୁସାଲା ସମତେ ଭାରତର ଅନେକ ଅଂଚଳ ଚିନ ସେନା ନିଜ ଅକ୍ତିଆରକୁ ନେଲେ । ବମଡିଲା ର ପତନପରେ ଚିନ ସେନା ଆସାମ ବ୍ରହ୍ମପୁତ୍ର ଉପତ୍ୟକାର ଦ୍ୱାରଦେଶରେ ପହଂଚିଲେ । ସାରା ଦେଶ ରେ ହତାଶା ଖେଳି ଗଲା । ଆସାମ ବାସୀ ଙ୍କୁ ବିଦାୟ ଜଣା ଗଲା । ମାତ୍ର ହଟାତ ଏକତରଫା ଯୁଦ୍ଧ ବିରତି ଘୋଷଣା କରି ଚିନ ନଭେମ୍ବର ୨୧ ତାରିଖ ଦିନ୨୦ କିମି ପଛ କୁ ଘୁଂଚିଗଲା । ଶେଷ ମୁହୂର୍ତରେ ବିଶ୍ୱର ବୃହତମ ଗଣତନ୍ତ୍ର ରାଷ୍ଟ୍ର ଭାରତକୁ କମ୍ୟୁନିଷ୍ଟ ଡ୍ରାଗନ କବଳରୁ ରକ୍ଷା କରିବା ପାଇଁ ଆମେରିକା ଓ କାନାଡା ଆକାଶ ସୁରକ୍ଷା ଇସକ୍ବ ଟଞ୍ଚଭକ୍ବରକ୍ଷକ୍ଷବ ଯୋଗାଇ ଦେବାକୁ ଘୋଷଣା କଲେ ।

ସାମୟିକ ଭାବେ ବିପଦ ଟଳିଲେ ମଧ୍ୟ ପରାଜୟ ର ଗ୍ଲାନି ସାରା ଦେଶ କୁ ଘାରିଲା । ପାର୍ଲିଆମେଂଟରେ ସରକାରକୁ ସମାଲୋଚନା କରାଗଲା । ପ୍ରତିରକ୍ଷା ମନ୍ତ୍ରୀ କୃଷ୍ଣମେନନ ଙ୍କର ଇସ୍ତଫା ଦାବିକରାଗଲା ଓ ସେଃ ଇସ୍ତଫା ଦେଲେ ।ଏପର୍ଯ୍ୟନ୍ତ ସମାଲୋଚନାରୁ ଉର୍ଦ୍ଧରେ ଥିବା ନେହାରୁ ଙ୍କୁ ମଧ୍ୟ ତିରସ୍କାର ସହିବାକୁ ପଡିଲା । ସେ ମଧ୍ୟ ମାନସିକ ସ୍ତରରେ ଭାଙ୍ଗି ପଡିଲେ । ତାଙ୍ଗର ବିଶ୍ୱସ୍ତରିୟ ବିଶାଳ ବ୍ୟକ୍ତିତ୍ୱ ଉଭେଇ ଗଲା । ସବୁବେଳେ ବିମର୍ଷ ରହିଲେ । ପାର୍ଲିଆମେଂଟକୁ ଆସିଲାବେଳେ ପାହାଚ ମାନକୁ ଡେଇଁ ଡେଇଁ ଆସୁଥିବା ନେହେରୁ ଅନ୍ୟଉପରେ ଭରାଦେଇ ଆସିବାକୁ ଲାଗିଲେ । କଂଗ୍ରେସ ଦଳର ସଭାପତି କାମରାଜ ଦଳକୁ ରକ୍ଷା ପାଇଁ ନେହେରୁ ସମେତ ଅନ୍ୟ ପୁରୁଖା ନେତା ମାନେ କ୍ଷମତା ତ୍ୟାଗ କରିବା ପାଇଁ ପରାମର୍ଶ ଦେଲେ । ଶେଷକୁ ମେ ୨୭ ତାରିଖ ଦିନ ହୃଦଘାତରେ ନେହେରୁଙ୍କର ଦୁଃଖଦ ମୃତ୍ୟୁ ଘଟିଲା ।

ଦୁଇ ପଡୋଶି ଚିନ ଓ ଭାରତ ମଧ୍ୟରେ ସମ୍ପର୍କ ଆଉ ସ୍ୱାଭାବିକ ହେଲା ନାହିଁ । ଅନେକ ଦିନ ପରେ ଅଟଳ ବିହାରି ବାଜପେୟୀ ବୈଦେଶିକମନ୍ତ୍ରୀ ଥିବା ବେଳେ ସେ ଚିନ ପରିଦର୍ଶନ କରିଥିଲେ । ରାଜିବ ଗାନ୍ଧି ପ୍ରଧାନମନ୍ତ୍ରୀ ଥିବା ବେଳେ କୁଟନୈତିକ ସମ୍ପର୍କ ପୁର୍ଣ ପ୍ରତିଷ୍ଠା ହେଲା। ମାତ୍ର ସମସ୍ୟା ସେମତି ରହିଲା । ଅରୁଣାଚଳ ପ୍ରଦେଶ ତାର ବୋଲି ଚିନ ତାର ଦାବି ବଜାୟ ରଖିଛି । କୌଣସି ଭାରତୀୟ ପଦାଧିକାରି ସେଠାକୁ ଗଲେ ଚିନ ପ୍ରତିବାଦ କରୁଛି । ମଝିରେ ସୀମାନ୍ତରେ ଉତେଜନା ସୃଷ୍ଟି ହେଉଛି । ସୈନ୍ୟ ହତାହତ ହୋଇଛନ୍ତି ।୨୦୧୭ ମସିହା ରେ ଡକଲାମ ଠାରେ ଉଭୟ ଦେଶର ସୈନ୍ୟ ମାନେ ହାତାହାତି ହୋଇଥିଲେ । ପରେ ଚିନ ର ରାଷ୍ଟ୍ରମୁଖ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ନିମନ୍ତ୍ରଣ ରେ ଭାରତ ଆସିଥିଲେ । ସମ୍ପର୍କ ସ୍ୱାଭାବିକ ହେଲାପରେ ସିକିମ ସୀମାନ୍ତରେ ଗାଓ୍ୱାଲିନ ଉପତ୍ୟକାରେ ପୁଣି ଯୁଦ୍ଧ ଆରମ୍ଭ ହୋଇ ଆମର ପାଖାପାଖି କେତେକ ଅଫିସରଙ୍କ ସହ ୨୦ ଜଣ ସୈନିକ ନିହତ ହୋଇଛନ୍ତି । ସେଥିରେ ଓଡିଶାର ଦୁଇ ବୀର ଯବାନ ଅଛନ୍ତି । ସାରା ଦେଶରେ ଶୋକ ଓ ଚିନ ପ୍ରତି ଘୃଣାର ଲହରି ଖେଳି ଯାଇଛି । କରୋନା ଭୂତାଣୁ ବିଂଚି ଦେଇ ସାରା ବିଶ୍ୱରେ ମୃତ୍ୟୁର ତାଣ୍ଡବ ସୃଷ୍ଟିକରିଥିବା ଚିନ ବନ୍ଧୁ ରାଷ୍ଟ୍ର ପ୍ରତି ବିଶ୍ୱାସ ଘାତକତା କରିବା ଅତ୍ୟନ୍ତ ନିନ୍ଦନୀୟ । ଈଶ୍ୱର କରନ୍ତୁ ତାର ସୁବୁଦ୍ଧି ଉଦୟ ହେଉ ଓ ଉପମହାଦେଶରେ ଶାନ୍ତି ବିରାଜମାନ ହେଉ ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

# ଅଫିସରେ ବସୁଥିଲେ.....



ଯଦି ଆପଣ ଅଫିସ ଡେକ୍ସରେ ବସୁଛନ୍ତି ତେବେ ନିଜ ଖାଦ୍ୟପାନୀୟ ଉପରେ ଧ୍ୟାନ ଦିଅନ୍ତୁ । ଯଦି ଆପଣ ଦୀର୍ଘ ସମୟ ବସିରହିବା କାମ କରୁଛନ୍ତି ତେବେ ଏପରି ଖାଦ୍ୟ ପଦାର୍ଥକୁ ନିଜଠାରୁ ଦୂରେଇ ରଖନ୍ତୁ ଯାହା ଆପଣଙ୍କ କାର୍ଯ୍ୟକୁ ପ୍ରଭାବିତ କରିବା ସହ ଶରୀର ଉପରେ କୁ-ପ୍ରଭାବ ପକାଇଥାଏ । କାମ କରିବା ସମୟରେ ବାରମ୍ବାର କଫି ପିଇବାକୁ ଇଛା ହୁଏ । କଫି ପିଇବା ଦ୍ୱାରା କାର୍ଯ୍ୟରେ ଷ୍ଟ୍ରେସ୍ କମ ହୋଇ ଆପଣଙ୍କୁ ସତେଜ ଲାଗିଥାଏ । ହେଲେ ଅଧିକ ମାତ୍ରାରେ କଫି ପିଇବା ଦ୍ୱାରା ଏହା ଗ୍ୟାସ ସମସ୍ୟାକୁ ବଢ଼ାଇଥାଏ । ତେଣୁ କଫି ପିଇବା ପରିବର୍ତ୍ତେ ଗ୍ରୀନଟି ପିଅନ୍ତୁ । ପାଚନତନ୍ତ୍ର ନିମନ୍ତେ ଗ୍ରୀନ ଟି ଉତ୍ତମ ସାବ୍ୟସ୍ତ ହେବା ସହ ପଟେ ବି ଖରାପ କରାଏ ନାହିଁ ।

### ତୈଳଯୁକ୍ତ ଖାଦ୍ୟ

ଅଫିସରେ ଅଧିକ ତୈଳଯୁକ୍ତ ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ । କାରଣ ତୈଳଯୁକ୍ତ ଖାଦ୍ୟ ଖଶଇବା ଦ୍ୱାରା ପେଟ ଭାରି ଲାଗିବା ସହ ନିଦ ଆସିଥାଏ । ଛଣାଛଣି ଖାଇବା ଦ୍ୱାରା ଅସୁସ୍ଥତା ଅନୁଭବ ହୁଏ ଯାହାର ପ୍ରଭାବ ପରଫମାନ୍ସ ଉପରେ ପଡ଼େ । ଏହାବ୍ୟତୀତ ଅଫିସରେ ଜଙ୍କଫୁଡ୍ସଠାରୁ ନିଜକୁ ଦୂରେଇ ରଖନ୍ତୁ ।

### ସ୍ନାକ୍ସ ଏବଂ ଚିପ୍ସ

କାମ କରିବା ସମୟରେ ମଝିରେ ମଝିରେ ଚିପ୍ସ ଖାନ୍ତୁ ନାହିଁ । ପ୍ୟାକେଟ୍ ବନ୍ଦ ଚିପ୍ସ ଏବଂ ସ୍ନାକ୍ସକୁ ବର୍ଜନ କରନ୍ତୁ । ଚିପ୍ସ ଅଧିକ ଖାଇବା ଦ୍ୱାରା କାର୍ଯ୍ୟ ସମୟରେ ଅଧିକ ଶୋଷ ଲାଗିବା ସହ ଡିହାଇଡ୍ରେଶନ ସ୍ତର ବଢ଼ିଯାଏ । ପ୍ୟାକେଟ ବନ୍ଦ ଚିପ୍ସ ବଦଳରେ କାଜୁ, ବାଦାମ, ବୁଟ ବି ଖାଇପାରିବେ ।

### ଆମିଷ ଖାଦ୍ୟ

ଅଫିସରେ ଅଧିକ ମାତ୍ରାରେ ଆମିଷ ଖାଦ୍ୟ ଖାଉଥିଲେ ଏହାର ମାତ୍ରାକୁ କମ କରିଦିଅନ୍ତୁ । ଆମିଷ ଖାଇବା ପରେ ଅଫିସରେ ଆପଣଙ୍କୁ ଅଳଶୁଆ ଲାଗିପାରେ ଏବଂ କାମ ଉପରେ ଏହା ପ୍ରଭାବ ପକାଇଥାଏ ।

# ଛିଣ୍ଡା କପଡ଼ାରୁ ଗୃହୋପକରଣ




ଇଣ୍ଡୋ- ଅଷ୍ଟ୍ରେଲିଆନ୍ ବୈଜ୍ଞାନିକ ପ୍ରଫେସର ବିନା ସହଜୱାଲା ଛିଣ୍ଡା କପଡ଼ାକୁ ବ୍ୟବହାର କରି ଘର ଛାତ ପାଇଁ ଟାଇଲ୍ ପ୍ରସ୍ତୁତ କରିବା ପ୍ରକ୍ରିୟା ବିକଶିତ କରିଛନ୍ତି । ବିନା ଏକ ମାଇକ୍ରୋ କାରଖାନା କରିଛନ୍ତି । ଯାହା ସାହାଯ୍ୟରେ ଇ-ୱେଷ୍ଟକୁ କମର୍ସିଆଲ ପ୍ରଡକ୍ଟରେ ପରିବର୍ତ୍ତନ କରାଯାଉଛି । କାରଖାନା ଏକ ଟିମ୍ ଅଦରକାରୀ କପଡାକୁ ବିଲ୍ଡିଂ ମଟେରିଆଲରେ ପରିଣତ କରିଛନ୍ତି । ସିଡନୀ ୟୁନିଭର୍ସିଟି ଅଫ୍ ସାଉତ୍ ୱେଲ୍ସର ଗବେଷକ ବିନାଙ୍କ ମତରେ ପ୍ରସ୍ତୁତ ହୋଇଥିବା ପ୍ରୋଡକୁ ସେରାମିକରେ ଫିନିସିଙ୍ଗ କରାଯାଇଛି । କିଛି ଛୋଟ ମେଶିନକୁ ମିଶାଇ ଏହି ଇ - ୱେଷ୍ଟ ମାଇକ୍ରୋ କାରଖାନାରେ ପ୍ରସ୍ତୁତ କରାଯାଇଛି । ଏଥିରେ ବୈଦ୍ୟୁତିକ ଡିଭାଇସରୁ ଆରମ୍ଭ କରି ଅନ୍ୟ ଉପକରଣକୁ ପ୍ରଥମେ ଭଙ୍ଗାଯାଏ । ଭାଙ୍ଗି ଯାଇଥିବା ଛୋଟ ଛୋଟ ଖଣ୍ଡକୁ ଭିନ୍ନଭିନ୍ନ ରୂପ ଦିଆଯାଇ ପ୍ରସ୍ତୁତ କରାଯାଉଛି । ଯେପରିକି ପ୍ଲାଷ୍ଟିକକୁ ବ୍ୟବହାର କରି ୩ଡି ପ୍ରିଣ୍ଟିଂଗ କରାଯାଉଛି । ଏହିଭଳି କାଠ, ପ୍ଲାଷ୍ଟିକକୁ ବ୍ୟବହାର କରି ବିଲ୍ଡିଂ ଉପକରଣ ପ୍ରସ୍ତୁତ କରାଯିବାରେ ନିୟୋଜିତ କରାଯାଉଛି ।



# ଦୁନିଆର ମୋଟା ଦମ୍ପତି



ମୋଟା ହେବା କ୍ଷତିକାରକ । ଆମେରିକାର ମିସୌରୀରେ ରହୁଥିବା ଏକ ଦମ୍ପତି ଏହାକୁ ଭଲ ଭାବେ ଅଙ୍ଗେ ନିଭାଇଛନ୍ତି । ୪୨ ବର୍ଷୀୟ ଲିଓ ୩୯ ବର୍ଷୀୟ ପତ୍ନୀ ରେନାଦୁନିଆର ସବୁଠାରୁ ମୋଟା ଦମ୍ପତି ଭାବେ ଜଣାଶୁଣା । ଦୁହିଁଙ୍କ ଓଜନ ମିଶିଲେ ଏକ ମିନି ଟ୍ରକ୍ ସହ ସମାନ ହେବ । ଦୁହିଁଙ୍କ ପ୍ରେମ କାହାଣୀ ଖଉବ୍ ରୋଚକ । ୧୦ବର୍ଷ ପୂର୍ବେ ଉଭୟେ ଓଜନ କମ କରିବା ପାଇଁ ଭିନ୍ନଭିନ୍ନ ଡାକ୍ତରଙ୍କର ପରାମର୍ଶ ନେଇଥିଲେ । ସେହି ସମୟରେ ଦୁହିଁଙ୍କର ସାକ୍ଷାତ ଏକ ୱେଯ ଲସ୍ କ୍ଲିନିକରେ ହୋଇଥିଲା । ପ୍ରଥମେ ବନ୍ଧୁ ଓ ପରେ ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଥିଲେ । ୱେଟ ଲସ୍ କାର୍ଯ୍ୟକ୍ରମ ଅଧାରୁ ଛାଡ଼ିଥିବାରୁ ଦୁହିଁଙ୍କର ଓଜନ ବଢ଼ିବାକୁ ଲାଗିଲା । ଫଳରେ ଦୁହିଁଙ୍କ ଓଜନ ପାଖାପାଖି ୬୦୦ କିଲୋ ହୋଇଗଲା । ଲିଙ୍କ ଓଜନ ଥିଲା ୩୨୪ କିଲୋ ଓ ରେନାଙ୍କର ୨୪୬କିଲୋ । ଓଜନ ବଢ଼ିବା ହେତୁ ଚଲାବୁଲା ଓ ବସାଉଠା କରିବା କଷ୍ଟ ହୋଇଗଲା । ଲିଙ୍କ ଜୀବନ ଖଟରେ ବିତାଇବାକୁ ଲାଗିଲା ଓ ରେନାଙ୍କ ଅବସ୍ଥା ମଧ୍ୟ ଠିକ୍ ରହିଲାନାହିଁ । ଯତ୍ନ ନେବା ପାଇଁ ଲିଙ୍କ ଭଉଣୀ ପାଖରେ ରହୁଥିଲେ । ବର୍ତ୍ତମାନ ଦୁହେଁ ନିଜ ଭୁଲ ପାଇଁ ପାଶ୍ଚାତାପ କରୁଥିବାବେଳେ ତାଙ୍କୁ କେବଳ ହିଁ ଭରସା ବୋଲି କହିଥିଲେ ।

# ଆଲ୍‌କହଲ୍ - ଗାଜରରେ ଜୈବିକ ଲେଜର୍



ମାଡ୍ରାସ ଆଇଆଇଟି ବିଶେଷଜ୍ଞମାନେ ଏକ ନୂତନ ଧରଣ ଲେଜର ଲାଇଟର ଉଦ୍ଭାବନ କରିଛନ୍ତି । ଏହାର ନାମ ରଖାଯାଇଛି ବାୟୋ-କମ୍ପଟେବଲ ଲେଜର । ଏହାର ବିଶେଷତ୍ୱ ହେଲା ଆଲକହଲରେ ଗାଜର ପକାଯାଇ ଏହି ମିଶ୍ରଣରେ ରଞ୍ଜନରଶ୍ମୀ ପକାଇଲେ ଏହାର ପ୍ରତିଫଳନରେ ଖାଲି ଆଖିକୁ ଦେଖାଯାଉଥିବା ବସ୍ତୁ ଅବା କ୍ଷୁଦ୍ର କଣିକା ସ୍ପଷ୍ଟ ପ୍ରତୀୟମାନ ହେଉଛି । ଏହି ରଶ୍ମୀର କୌଣସି ପାଶ୍ୱପ୍ରତିକ୍ରିୟା ନଥିବାରୁ ଏହାକୁ ସବୁଜ ରଶ୍ମୀ ବା ବାୟୋ ଲେଜର ଭାବେ ନାମିତ କରାଯାଇଛି । ଏହା ରଶ୍ମୀକୁ ମାଇକ୍ରୋସ୍କୋପି, ଟେମ୍ପ୍ରେଚର ସ୍କାନିଂ, ଥର୍ମୋମିଟରର କାର୍ଯ୍ୟ ପାଇଁ ବ୍ୟବହାର କରାଯିବ ବୋଲି ଆଇଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ଶିବରାମ କ୍ରିଷ୍ଣନ୍ ପରୀକ୍ଷାମୂଳକ ମତ ପୋଷଣ କରିଛନ୍ତି । ଏହା ପୂର୍ବରୁ କମଳା ଓ ଟମାଟୋ ଜୁସରେ ଏହି ଉଦ୍ଭାବନ କରାଯାଇଥିବା କ୍ରିଷ୍ଣନ୍ ସୂଚନା ଦେଇଛନ୍ତି । ଏବେ ପର୍ଯ୍ୟନ୍ତ ଲେଜର ପ୍ରସ୍ତୁତିରେ ଇଣ୍ଡିୟମ୍, ଗୈଲିୟମ, ଆର୍ସେନିକ ଓ ଗୈଲିୟମ ନାଇଟ୍ରେଟର ବ୍ୟବହାର କରାଯାଇଛି ଯାହା ଖୁବ୍ ବିଷାକ୍ତ ହୋଇଥିବାରୁ ପରିବେଶକୁ କ୍ଷତି ପହଞ୍ଚାଇଥାଏ । ତେଣୁ ଜୈବିକ ଉପାଦାନରେ ଲେଜର ପ୍ରସ୍ତୁତ କରାଯାଇଛି ଏହାକୁ କିଚନ୍ ଲେଜର କୁହାଯାଉଛି । ଗାଜରରେ ପ୍ରଚୁର ପରିମାଣରେ ବାୟୋ-କୈରୋଟିନାୟଡସ୍ ରହିଛି । ତେଣୁ ଏହାକୁ ଆଲକୋହଲରେ ମିଶାଇ କାରୋଟିନାୟଡସର ପରିମାଣକୁବୃଦ୍ଧି କରାଯାଇଥିଲା । ବର୍ତ୍ତମାନ ଲେଜରର ଉପଯୋଗ ହତିଆର ପ୍ରସ୍ତୁତି ଓ ଡାକ୍ତରଖାନାରେ ଅସ୍ତ୍ରୋପଚାରରେ ବ୍ୟବହାର କରାଯାଉଛି । ଏହା ବ୍ୟତୀତ ପ୍ରିଣ୍ଟର, ସ୍କାନର, ଡିଭିଡି, ବାର କୋଡ୍ ଓ ୩ଡି ଚିତ୍ର ପ୍ରସ୍ତୁତିରେ ବ୍ୟବହାର କରାଯାଉଛି । ଦିନକୁ ଦିନ ଏହାର ବ୍ୟବହାର ବୃଦ୍ଧି ପାଉଛି ତେଣୁ ଇକୋ-ଫ୍ରେଣ୍ଡଲି ପ୍ରକ୍ରିୟାରେ ପ୍ରସ୍ତୁତ କରାଯାଇଛି ।

# କାନ୍ଦୁରା ସାପ ଠାବ !



ବିଶ୍ୱସ୍ତରରେ ସାପଙ୍କର ହଜାର ହଜାର ପ୍ରଜାତି ରହିଛନ୍ତି, ଯାହାଙ୍କ ସମ୍ପର୍କରେ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟଜନକ ତଥ୍ୟ ଜାଣିବାକୁ ମିଳିଥାଏ । ନିକଟରେ ଜୀବବିଜ୍ଞାନୀମାନେ ପୂର୍ବୋତ୍ତର ଭାରତର ଅରୁଣାଚଳ ପ୍ରଦେଶରେ ଏଭଳି ଏକ ସାପର ନୂତନ ପ୍ରଜାତିର ସନ୍ଧାନ କରିଛନ୍ତି; ଯାହା ବିଷୟରେ ଜାଣିବା ପରେ ସେମାନେ ଚକିତ ହୋଇପଡ଼ିଛନ୍ତି । ଏହି ସାପଟିର ଲମ୍ବ ସାମାନ୍ୟ ଥିବାବେଳେ ଏହା ଆଦୌ ବିଷାକ୍ତ ନୁହେଁ । ଅରୁଣାଚଳ ପ୍ରଦେଶର ଲେପାରାଦା ଜିଲ୍ଲାରେ ମିଳିଥିବା ଏହି ସାପକୁ 'କ୍ରାଇଙ୍ଗ' ପ୍ରଜାତିର ବୋଲି କୁହାଯାଉଛି । ଏହାର ଜୁଲୋଜିକାଲ ନାମ ହେଉଛି 'ହେବିଅସ୍ ଲାକ୍ରିମା' । ଲାକ୍ରିମା ଲାଟିନ୍ ଭାଷାର ଶବ୍ଦ ଅଟେ, ଏହାର ଅର୍ଥ ଲୁହ । ତେଣୁ ଏହାକୁ 'କ୍ରାଇଙ୍ଗ ସ୍ନେକ୍' ବା 'କାନ୍ଦୁରା ସାପ' ବୋଲି କୁହାଯାଉଛି । ନ୍ୟୁଜିଲାଣ୍ଡରୁ ପ୍ରକାଶିତ ହେଉଥିବା ଜର୍ଣ୍ଣାଲ 'ଜୁଟାକ୍ସା' ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ, ଏହି ସାପର ସୁଗୁଣ ରହିଛି । ସାପର ଲମ୍ବ ୪୮.୭ ସେମି ରହିଛି । ଏହି ନୂତନ ସାପର ସନ୍ଧାନ ଗୁଆହାଟୀର ଜୀବବିଜ୍ଞାନୀ ଦୟାଦିତ୍ୟ ପୁର୍କାୟସ୍ଥ ।

# ଖାଦ୍ୟ ଉପରେ ଲୁଣ ଛିଞ୍ଚିବା କ୍ଷତିକାରକ

ଆମମାନଙ୍କ ମଧରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଖାଇବା ଉପରେ ଲୁଣ ଛିଞ୍ଚିଥାନ୍ତି । ବିଶେଷକରି ଭାତ ଉପରେ ଅନେକ ଲୋକ ଲୁଣ



ଛିଞ୍ଚିଥାନ୍ତି । ଯେଉଁମାନେ ଏଭଳି କାର୍ଯ୍ୟରେ ଅଭ୍ୟସ୍ତ, ସେମାନଙ୍କ ପାଇଁ ଖରାପ ଖବର । ଖାଦ୍ୟ ଉପରେ ଲୁଣ ଛିଞ୍ଚି ଖାଇଲେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଯାଇଥାଏ । ଲୁଣ ଲଭଳି ଏକ ଜିନିଷ ଯାହାର ସେବନ ଉପଯୁକ୍ତ ମାତ୍ରାରେ ଏବଂ ଉପଯୁକ୍ତ ସମୟରେ ହେବା ଆବଶ୍ୟକ। ନଚେତ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ ।

# ଜଳବାୟୁ ପରିବର୍ତ୍ତନ ଜଳଚରଙ୍କ ପାଇଁ ବିପଦ

ଜଳବାୟୁ ପରିବର୍ତ୍ତନ ଜଳୀୟ ଜୀବଙ୍କ ଜୀବନକୁ ପ୍ରଭାବିତ କରିପାରେ । ଏକ ନୂତନ ଗବେଷଣାରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଅଷ୍ଟ୍ରେଲିଆର ୟୁନିଭର୍ସିଟି ଅଫ୍ ସିଡନୀ ଏବଂ ସିଡନୀ ଇନଷ୍ଟିଚ୍ୟୁଟ ଅଫ୍ ମେରାଇନ ସାଇନ୍ସର ଗବେଷକଙ୍କ ମତେରେ, ମନୁଷ୍ୟ ଶରୀରରେ ଯେଭଳି ପାକସ୍ଥଳୀର ଗଡ଼ବଡ଼ି ତାର ପୁରା ସ୍ୱାସ୍ଥ୍ୟକୁ ବିଗାଡ଼ିଦିଏ ଠିକ୍ ସେହିଭଳି ଜଳଚରଙ୍କ ପାଇଁ ଘାସପତ୍ର ସଦୃଶ ସୂକ୍ଷ୍ମଜୀବ ଏବଂ ଶୈବାଳଙ୍କ ଉପରେ ସାମାନ୍ୟ ପରିବର୍ତ୍ତନ ଆସିଲେ, ତାହା ପୁରା ସାମୁଦ୍ରିକ ଜୀବଙ୍କ ଜୀବନ ଉପରେ ବିପଦ ସୃଷ୍ଟି କରେ । ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଜୈବିକ ବିବିଧତାକୁ ପ୍ରଭାବିତ କରିଚାଲିଛି । ଯଦ୍ଦ୍ୱାରା ସମୁଦ୍ର ପଉନ ଉତ୍ତପ୍ତ ହୋଇ ସୂକ୍ଷ୍ମଜୀବଙ୍କ ବିକାଶଧାରା ଉପରେ କୁପ୍ରଭାବ ପକାଉଛି । ଏହି କାରଣରୁ ସମୁଦ୍ର ଶୈବାଳଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ହେବାରେ ଲାଗିଛି । ମନୁଷ୍ୟକୃତ ଅନେକ କାରଣ ଯୋଗୁ ଏବେ ଜଳବାୟୁ ପରିବର୍ତ୍ତନ ହେଉଛି । ଯଦି ଏଭଳି କାର୍ଯ୍ୟ ଅନବରତ ଲାଗିରହେ, ତେବେ ଗବେଷକଙ୍କ ଆଶଙ୍କା ଏହାଦ୍ୱାରା ବିଶ୍ୱସ୍ତରର ସାମୁଦ୍ରିକ ଜଙ୍ଗଲ ପ୍ରଭାବିତ ହୋଇପାରେ । ଏହି ଗବେଷଣା ପ୍ରୋସିଡିଙ୍ଗସ ଅଫ୍ ଦିରୟାଲ ସୋସାଇଟି ବି ପତ୍ରିକାରେ ପ୍ରକାଶିତ ହୋଇଛି ।



# ବୃକ୍ଷରୋପଣରେ ଭାରତ -ଚୀନ୍ ସର୍ବାଗ୍ରେ



ଭାରତ ଏବଂ ଚୀନ ବୃକ୍ଷରୋପଣ ଏବଂ କୃଷି ଆଧାରିତ ମହତ୍ତ୍ୱକାଂକ୍ଷୀ କାର୍ଯ୍ୟକ୍ରମ ଜରିଆରେ ପୃଥିବୀକୁ ସବୁଜ ସୁନ୍ଦର କରିବା ଦିଗରେ ସର୍ବାଗ୍ରେ ରହିଛନ୍ତି । ଏହି ତଥ୍ୟ ପୃଥିବୀ ପରିକ୍ରମା କରୁଥିବା ନାସାର ଦୁଇଟି ଉପଗ୍ରହର ବିବରଣୀରୁ ଜଣାପଡ଼ିଛି । ୨୦ବର୍ଷ ଧରି ଉପଗ୍ରହ ଦୁଇଟିରୁ ମିଳିଥିବା ତଥ୍ୟ ଆଧାରରେ ଜଣାପଡ଼ିଛି, ଭାରତ ଏବଂ ଚୀନ୍ ବୃକ୍ଷରୋପଣ ଦିଗରେ ସବୁ ଦେଶକୁ ଟପିଯାଇଛନ୍ତି । ନେଚର ସଷ୍ଟେନେବିଲିଟି ନିକଟରେ ,କ ତଥ୍ୟ ପ୍ରକାଶ କରିଥିଲା, ଯାହା ଅନୁସାରେ ୨୦ ବର୍ଷ ପୂର୍ବ ତୁଳନାରେ ବିଶ୍ୱ ବାସ୍ତବରେ ଅଧିକ ସବୁଜିମା ହୋଇଛି । ରିପୋର୍ଟରୁ ଜଣାପଡ଼ିଛି, ୨୦୦୦ ମସିହାରେ ପ୍ରାରମ୍ଭିକ ସମୟରେ ଚୀନ୍ ଏବଂ ଭାରତରେ ସବୁଜିମା ପରିବେଶ ପ୍ରାୟ ୨୫ ପ୍ରତିଶତ ଥିଲା । ଏବେ କିନ୍ତୁ ସେଥିରେ ପାଞ୍ଚ ପ୍ରତିତ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି । ନାସା ଉପଗ୍ରହର ଏହି ଆଶ୍ଚର୍ଯ୍ୟଜନକ ସନ୍ଧାନରୁ ଜଣାପଡୁଛି, ଦୁନିଆର ସବୁଠୁ ଅଧିକ ଜନସଂଖ୍ୟାପୂର୍ଣ୍ଣ ଏହି ଦୁଇ ଦେଶ ଜୋରସୋରରେ ପୃଥିବୀପୃଷ୍ଠକୁ ସବୁଜମୟ କରିବାକୁ ଆଗକୁ ବଢ଼ିଚାଲିଛନ୍ତି । ୨୦।୧୭ରେ ଭାରତ କେବଳ ୧୨ଘଣ୍ଟାରେ ୬.୬ କୋଟି ବୃକ୍ଷରୋପଣ କରି ବିଶ୍ୱରେକର୍ଡ ସ୍ଥାପନ କରିଥିଲା । ଏହି ପରିପ୍ରେକ୍ଷୀରେ ବୋଷ୍ଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ମତ ଦେଇଛନ୍ତି ଯେ, ଯଦି ଏଭଳି ଭାବେ ବୃକ୍ଷରୋପଣ କରାଯାଏ, ତେବେ ସେଦିନ ଆଉ ଦୂର ନୁହେଁ ଯେତେବେଳେ ବିଶ୍ୱ ସମ୍ପୂର୍ଣ୍ଣ ଭାବେ ସବୁଜ ପରିବେଶରେ ପରିବର୍ତ୍ତିତ ହୋଇଯିବ ।

# ସଂଗୀତ ନିୟନ୍ତ୍ରଣ କରିବ ଉଚ୍ଚ ରକ୍ତଚାପ



ଉଚ୍ଚ ରକ୍ତଚାପ ବା ହାଇପର ଟେନସନ ଏକ ଗମ୍ଭୀର ରୋଗ । ରକ୍ତଚାପ ବୃଦ୍ଧି ହେଲେ ହୃଦରୋଗ, କିଡନୀ ସମସ୍ୟା, ଷ୍ଟ୍ରୋକ୍ ଏବଂ ଅନେକ ଗମ୍ଭୀର ରୋଗର ଆଶଙ୍କା ସୃଷ୍ଟିହୁଏ । ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାକୁ ଲୋକେ ଔଷଧଠୁ ନେଇ ଅନେକ ଘରୋଇ ଉପଚାର ଆପଣାଇଥାନ୍ତି । କିନ୍ତୁ ଏସବୁ ଅପେକ୍ଷା ଖୁବ୍ ସହଜ ଏବଂ ସରଳ ଉପାୟରେ ଗୀତ ଶୁଣି ଆପଣ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିପାରିବେ । ନିକଟରେ ହୋଇଥିବା ଏକ ଗବେଷଣାରୁ ଏହା ଜଣାପଡ଼ିଛି । ଗବେଷଣା ଅନୁସାରେ, ଔଷଧ ସେବନ ପରେ ଶାସ୍ତ୍ରୀୟ ସଂଗୀତ ଶୁଣିବା ଦ୍ୱାରା ଆଣ୍ଟି- ହାଇପରସେନ୍ସିଟିଭ ଔଷଧର ପ୍ରଭାବ ବଢ଼ିଯାଏ । ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି, ସଂଗୀତ ଶୁଣିବା ଦ୍ୱାରା ହାର୍ଟବିଟ୍ ଭଲ ରହିଥାଏ। ଏହି ଗବେଷଣା ହାଇପରଟେନସନରେ ପୀଡ଼ିତ ରୋଗୀ ସଂଗୀତ ଶୁଣିବା ଦ୍ୱାରା କିଭଳି ପ୍ରଭାବିତ ହେଉଛନ୍ତି ଜାଣିବାକୁ କରାଯାଇଥିଲା । ନିଷ୍କର୍ଷରୁ ଜଣାପଡ଼ିଥିଲା, ସଂଗୀତ ଶୁଣିବାର ୧ଘଣ୍ଟା ମଧ୍ୟରେ ହାର୍ଟବିଟରେ ବେଶ୍ ସୁଧାର ଆସିଥିଲା । ଏହାସହ ଔଷଧର ପ୍ରଭାବ ମଧ୍ୟ ଭଲ ରହିଥିଲା । ପ୍ରକୃତରେ ସଙ୍ଗୀତ ଶୁଣିଲେ ପାରାସିମ୍ପାଥେଟିକ୍ ନର୍ଭସ ସିଷ୍ଟମ ସକ୍ରିୟ ହୋଇଯାଏ ଏବଂ ଏହା ଗାଷ୍ଟ୍ରୋଇଣ୍ଟେଷ୍ଟାଇନ ଆକ୍ଟିଭିଟିକୁ ବଢ଼ାଇଦିଏ । ଯଦ୍ଦ୍ୱାରା ଔଷଧର ପ୍ରଭାବ ଦ୍ୱିଗୁଣା ହୋଇଥାଏ ।

# ଶିମିଳିପାଳ ପାଦ ଦେଶରେ ଜଙ୍ଗଲ ଚୋରୀ ଜଣେ ଗିରଫ ଅନ୍ୟମାନେ ଫେରାର



ବାରିପଦା,୩୦।୬(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ବନାଂଚଳର ଶିମିଳିପାଳ ପାଦଦେଶରେ ଅବସ୍ଥିତ ଚିରୁପଦା ଗ୍ରାମରେ ଖେଳପଡିଆ କରିବା ବାହାନାରେ ତିନି ଏକର ରୁ ଉର୍ଦ୍ଧ୍ୱ ପରିମିତ ଜଙ୍ଗଲରୁ ମୂଲ୍ୟବାନ ଶାଳ ଗଛମାନ କାଟି ନେଉଥିବାର ଘଟଣା ଗଣମାଧ୍ୟମରୁ ପ୍ରକାଶ ଖବରପାଇ ବନ କର୍ମଚାରୀ ମାନେ ତତ୍ପର ହୋଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ଏବଂ ଗଛକାଟି ନେଉଥିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ବନକର୍ମଚାରୀ ମାନେ ଚଢାଓ କରୁଥିବାର ସୂଚନା ପାଇ ଅନ୍ୟ ଛଅ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବାର ଜଣାପଡିଛି । ସୂଚନାଯୋଗ୍ୟଯେ, କେଶଡିହା ପଂଚାୟତର ଏହି ଚିରୁପଦା ଗ୍ରାମଟି ଶିମିଳିପାଳର ପାଦତଳେ ଅବସ୍ଥିତ ଏବଂ ଜଙ୍ଗଲ ଭିତରେ ହିଁ ଏହି ଗାଁ ଟିଅଛି । ଚାରିଆଡେ ଲକ୍‌ଡାଉନ୍ ର ସୁଯୋଗନେଇ ଅଭିଯୁକ୍ତମାନେ ବେଶ୍ ଆରାମ୍ ରେ ଜଙ୍ଗଲ କାଟି ଭଲ ଭଲ କାଠଗଣ୍ଡି ମାନ ନେଇଯାଇ ଖାଲି ଗଛର ମୂଳ ଏବଂ ଅନ୍ୟ ଡାଳ ଓ ଗଣ୍ଡି ମାନ ଛାଡିଦେଇଥିବାର ଦେଖିବାକୁ ମିଳିଛି । ଏଠାରେ ପ୍ରଶ୍ନ ଉଠୁଛି କି ଘଟଣାସ୍ଥଳରୁ ମାତ୍ର ଦୁଇ କିମି ଦୂରରେ ଫରେଷ୍ଟ ବିଟ୍ ହାଉସ୍ ଥିବାବେଳେ ବିଟ୍ ରେ ରହୁଥିବା ଜଙ୍ଗଲରକ୍ଷୀ କିପରି ଏଭଳି ଜଙ୍ଗଲ କଟା ବିଷୟରେ ଜାଣିପାରିଲେନାହିଁ ନା ତାଙ୍କ ଜ୍ଞାତସାରରେ ଏଭଳି ଜଙ୍ଗଲ ଲୁଟି ଚାଲିଥିଲା ତାହା ତଦନ୍ତ ସାପେକ୍ଷ ହୋଇଥିବାବେଳେ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବାର ବନାଂଚଳ କର୍ମକର୍ତାଙ୍କ ଠାରୁ ପ୍ରକାଶ ।

# ଜମି ଲାଗି ଦଳିତଙ୍କୁ ହଇରାଣ : ଓଏଚଆରସିଙ୍କ ରିପୋର୍ଟ ତଲବ

ଭଦ୍ରକ, ୩୦/୬(ହି.ସ.) - ଏକ ଜମିଜମା ମାମଲାରେ ଜଣେ ଦଳିତ ଲୋକଙ୍କୁ ତାଙ୍କ ଜମି ବିକ୍ରି ପାଇଁ ଅନୁମତି ନଦେଇ ହଇରାଣ ହରକତ କରିବା ଅଭିଯୋଗରେ ଭଦ୍ରକ ଉପଜିଲାପାଳ ପିତାମ୍ବର ସାମଲଙ୍କ ବିରୋଧ ରାଜ୍ୟ ମାନବାଧିକାର କମିଶନଙ୍କ କୋର୍ଟରେ ଏକ ମାମଲା ରୁଜୁ କରାଯାଇଛି । ଏହି ମାମଲାରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟସ୍ତ ପରିଚାଳନା ବିଭାଗର ଅତିରିକ୍ତ ସଚିବ, କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଏବଂ ଭଦ୍ରକ ଜିଲାପାଳଙ୍କୁ ପକ୍ଷଭୁକ୍ତ କରି ମାମଲା ରୁଜୁ କରାଯାଇଛି । ଏଥିପୂର୍ବରୁ ଅଭିଯୋଗକାରୀ ଘଟଣା ସଂପର୍କରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ଶାସନ ସଚିବ, କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଏବଂ ଭଦ୍ରକ ଜିଲାପାଳଙ୍କୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ କମ୍ପ୍ଲେନ୍ ପିଟିସନ୍ ଦାଖଲ କରିଥିଲେ । ଅଭିଯୋଗକାରୀଙ୍କ ଏହି କମ୍ପ୍ଲେନ୍ ପିଟିସନ୍ ମୂଳେ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ତାଙ୍କ ପତ୍ରାଙ୍କ ନଂ ୬୦୯୩-୧୦-୬-୨୦ ରେ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ସହିତ ୭ ଦିନ ମଧ୍ୟରେ ବିବରଣୀ ପଠାଇବାକୁ ଭଦ୍ରକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାହାର ତଦନ୍ତ ଭଦ୍ରକ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କୁ ଦିଆଯାଇଛି । ତେବେ ମାମଲାର ନିରପେକ୍ଷ ତଦନ୍ତ ଦୃଷ୍ଟିରୁ ଏହାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ତଦନ୍ତ କରିବାକୁ ଅଭିଯୋଗକାରୀ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ଶାସନ ସଚିବଙ୍କୁ ଦରଖାସ୍ତ କରିଛନ୍ତି । ଭଦ୍ରକ ସହର ମଠସାହି ଗ୍ରାମର ସର୍ବେଶ୍ୱର ସେଠୀ ନାମକ ଜଣେ ଦଳିତ ବ୍ୟକ୍ତି ନିଜର ଚିକିତ୍ସା ଖର୍ଚ୍ଚ ଭରଣା କରିବା ପାଇଁ ମଠସାହି ମୌଜାରେ ନିଜସ୍ୱ ମାଲିକାନାରେ ଥିବା ୬ ଡି. ପରିମିତ ଏକ ଜମିକୁ ଜଣେ ସର୍ବର୍ଣ୍ଣ ଲୋକଙ୍କୁ ବିକ୍ରି କରିବା ପାଇଁ ଓଡ଼ିଶା ସରକାରଙ୍କ ଭୂସଂସ୍କାର ଆଇନ୍ ଧାରା ୨୨ ଅନୁଯାୟୀ ଭଦ୍ରକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓଏଲ୍ଆର କେଶ୍ ନଂ ୧୩୭/୧୯ ରେ ଏକ ମାମଲା ପଂଜିକୃତ କରାଇଥିଲେ । ତେବେ ଦରଖାସ୍ତକାରୀ ଜଣେ ଦଳିତ ବର୍ଗର ହୋଇଥିବା ହେତୁ ସେ ପ୍ରକୃତପକ୍ଷେ ଏହି ଜମି ବିକ୍ରି କରିବାକୁ ଯୋଗ୍ୟ ଅଥବା ନୁହେଁ ତାହାର ତଦନ୍ତ କରି ରିପୋର୍ଟ ଦେବାକୁ ଭଦ୍ରକ ତହସିଲଦାର, ଆରଆଇ ଏବଂ ଡିଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ରିପୋର୍ଟରେ ଦରଖାସ୍ତକାରୀ ଶ୍ରୀ ସେଠୀଙ୍କ ମାଲିକାନାରେ ୩ ଏକର ୪୬ ଡି. ଜମି ରହିଥିବା ହେତୁ ତାଙ୍କ ସପକ୍ଷରେ ଜମି ବିକ୍ରି ପାଇଁ ଅନୁମତି ଦିଆଯିବାରେ କୌଣସି ଅସୁବିଧା ନାହିଁ ବୋଲି ତଦନ୍ତକାରୀ ଅଧିକାରୀମାନେ ଗତ ୧୧-୧୧-୧୯ ସୁଦ୍ଧା ରିପୋର୍ଟ କରିଥିଲେ । ରାଜ୍ୟ ସରକାରଙ୍କ ଭୂସଂସ୍କାର ଆଇନ୍ ଧାରା ୨୨ ର ସମସ୍ତ ସର୍ତ୍ତ ପୂରଣ କରିବା ପରେ ସର୍ବେଶ୍ୱରଙ୍କୁ ତାଙ୍କ ଜମି ବିକ୍ରି କରିବାକୁ ଅନୁମତି ଦିଆଯିବା ପରିବର୍ତ୍ତେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନାବଶ୍ୟକ ଭାବେ ଆବେଦନକାରୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଂଚ କରି ରିପୋର୍ଟ କରିବାକୁ ଭଦ୍ରକ ସିଡିଏମ୍ଓଙ୍କୁ ଚିଠି କରିଥିଲେ । ଏହି ସୂଚନା ପାଇବା ପରେ ସର୍ବେଶ୍ୱର ନିଜର ଚିକିତ୍ସା ସଂପର୍କିତ ସମସ୍ତ କାଗଜପତ୍ର ସହିତ ତାଙ୍କ ବ୍ୟକ୍ତିଗତ ମାଲିକାନାରେ ରହିଥିବା ୫ ଏକରରୁ ଉର୍ଦ୍ଧ୍ୱ ଜମିର କାଗଜପତ୍ର ସମ୍ବଳିତ ତଥ୍ୟ ଭଦ୍ରକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରି ଚିକିତ୍ସା ଖର୍ଚ୍ଚ ଭରଣା ସକାଶେ ତୁରନ୍ତ ତାଙ୍କୁ ତାଙ୍କ ଜମି ବିକ୍ରି କରିବାକୁ ଅନୁମତି ଦେବାକୁ ନିବେଦନ କରିଥିଲେ । ଏହା ସତ୍ତ୍ୱେ ମଧ୍ୟ ସର୍ବେଶ୍ୱରଙ୍କୁ ତାଙ୍କ ଜମି ବିକ୍ରି କରିବାକୁ ଅନୁମତି ଦିଆନଯାଇ ଗତ ୧୩-୩-୨୦ ରିଖରେ ତାଙ୍କ ଆବେଦନକୁ ଖାରଜ କରିଦିଆଯାଇଥିଲା । ସବୁଠାରୁ ବଡକଥା ହେଲା ତାଙ୍କ ମାମଲା ଖାରଜ କରିଦିଆଯିବାର ଇତିମଧ୍ୟରେ ୩ ମାସରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ତାଙ୍କୁ ଖାରଜ କରାଯାଇଥିବା ମାମଲାର ପ୍ରାମାଣିକ କପି ପ୍ରଦାନ କରାଯାଉନଥିବା କଥା ସର୍ବେଶ୍ୱର ଅଭିଯୋଗ କରିଛନ୍ତି । ଫଳରେ ସେ ଏହି ମାମଲାରେ ଉପର କୋର୍ଟକୁ ମଧ୍ୟ ଯାଇ ପାରୁନଥିବା ଅଭିଯୋଗ କରିଛନ୍ତି । ତେଣେ ଜମି ବିକ୍ରି ବିଳମ୍ବିତ ହେଉଥିବା ଯୋଗୁଁ ତାଙ୍କ ରୋଗ ବୃଦ୍ଧି ପାଇ ଚିକିତ୍ସା ଖର୍ଚ୍ଚ ଦିନକୁ ଦିନ ବ୍ୟୟବହୁଳ ହୋଇପଡିଥିବା ସର୍ବେଶ୍ୱର ଅଭିଯୋଗ କରିଛନ୍ତି । ଏଥିପାଇଁ ଭଦ୍ରକ ଉପଜିଲାପାଳଙ୍କୁ ପ୍ରତ୍ୟକ୍ଷ ଭାବେ ଦାୟୀ କରି ବର୍ଦ୍ଧିତ ଚିକିତ୍ସା ଖର୍ଚ୍ଚ କାହିଁକି ତାଙ୍କ ବେତନରୁ ଭରଣା କରାନଯିବ ବୋଲି ସର୍ବେଶ୍ୱର ଏଚଆରସିଙ୍କ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି । ସର୍ବେଶ୍ୱରଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅମ୍ବୁଜବନ୍ଧୁ ପରିଡା ମାମଲା ପରିଚାଳନା କରୁଛନ୍ତି ।

# ଜିଓଫାଷ୍ଟ ଅଟା କଳରୁ ଦୁଇ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କଲା ପ୍ରଶାସନ, କର୍ମଚାରୀଙ୍କ ଆନ୍ଦୋଳନ ପରେ ଆସିଲା ପ୍ରଶାସନ

ଧର୍ମଶାଳା,୩୦।୬(ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥ ହାଟକରନ୍ଦା ରାସ୍ତା କଡରେ ଦିର୍ଘ ଦିନହେବ କାମ କରୁଥିବା ଜିଓଫାଷ୍ଟ ଅଟାକଳରେ ୭ ଦିନ ହେବ ଦୁଇ ଜଣ କର୍ମଚାରୀଙ୍କୁ କରୋନା ଲକ୍ଷଣ ହୋଇଥିବା ପାଖରେ ଥିବା କର୍ମଚାରୀମାନେ ବାରମ୍ବାର ପରିଚାଳକଙ୍କୁ କହିବା ପରେ ମଧ୍ୟ କମ୍ପାନୀ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲା । ତେବେ କରୋନା ଲକ୍ଷଣ ଥିବା କର୍ମଚାରୀମାନେ ଜାଣିବା ପରେ ଆଜି ସମସ୍ତ କର୍ମଚାରୀ ଜିଓଫାଷ୍ଟ ଫାଟକ ନିକଟରେ ଆନ୍ଦୋଳନ କରିବା ପରେ ଘଟଣାସ୍ଥଳରେ ବଡଚଣା ପୁଲିସ ଘଟଣାସ୍ଥଳରେ ପଂହଚି ଥିଲା । ତେବେ ସେଠାରେ ଆନ୍ଦୋଳନ କରୁଥିବା କର୍ମଚାରୀମାନେ ଏ ବିଷୟରେ ପୁଲିସକୁ କହିବା ପରେ ପୁଲିସ ବଡଚଣା ବିଡିଓ ଏବଂ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡକାଇ ଥିଲେ ଏବଂ ଦୁଇ ଜଣ କର୍ମଚାରୀଙ୍କ ଲକ୍ଷଣ ଥିବା ଡାକ୍ତର ଜାଣିବା ପରେ ସେମାନଙ୍କୁ କଳିଙ୍ଗନଗରସ୍ଥିତ କୋଭିଡ -୧୯କୁ ପଠାଇ ଦେଇଥିଲେ । ଏପଟେ ଅନ୍ୟ କର୍ମଚାରୀଙ୍କୁ କରୋନା କାହିଁକି ହୋଇ ନ ଥିବ ବୋଲି କର୍ମଚାରୀମାନେ ସେମାନଙ୍କ ଜିଦ ଅଟଳ ରହିଥିଲେ । ଫଳରେ ଏ ବିଷୟରେ ସ୍ଥାନୀୟ ପ୍ରଶାସନ ଯାହା ନିଷ୍ପତି ନେବ ତେବେ ତାହାକୁ କମ୍ପାନୀ ମାନିବାକୁ ବାଧ୍ୟ ବୋଲି ସୂଚନା ମିଳିଛି । ଏହାକୁ ନେଇ ପ୍ରଶାସନ ଆସନ୍ତା କାଲି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ବଡଚଣା ବ୍ଲକ ଉନ୍ନୟନ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ସୂଚନା ଦେଇଛନ୍ତି ।

# ସାତଶଙ୍ଖ ଅଂଚଳରେ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ପାଇଁ ଦାବି

ପିପିଲି,୩୦।୬(ନି.ପ୍ର): ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅଂଚଳରେ ପୋଲିସର ପେଟ୍ରୋଲିଂ ବ୍ୟବସ୍ଥା ରାତିରେ ଏକ ପ୍ରକାର ଠପ୍ ହୋଇଯାଇଛି । ଫଳରେ ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁର, ସାତଶଙ୍ଖ ଅଂଚଳରେ ଅସାମାଜିକ ତତ୍ୱଙ୍କ ପାର୍ଦୁଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବଜାର ଏରିଆ ଅପେକ୍ଷା ଗାଁ ପିଣ୍ଡି, କ୍ଲବ୍ ଘରେ ଓ ଅନ୍ୟାନ୍ୟ ଜନଶୂନ୍ୟ ସ୍ଥାନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ୍ୟପାନ ସାଙ୍ଗକୁ ଗଞ୍ଜେଇ ଆଡ୍ଡା ଜମୁଛି । ବିଶେଷ କରି ଅଧିକ ଅସୁରକ୍ଷିତ ହୋଇପଡିଛି ସାତଶଙ୍ଖ ଅଂଚଳ । ସାତଶଙ୍ଖ ମଦ କାଉଂଟର ଏରିଆ, ଉତରାୟଣୀ ସାହି ବ୍ରିଜ୍, ବୀରପୁରୁଷୋତମପୁର ଷ୍ଟେସନ୍ ରୋଡ୍, ବୀରପୁରୁଷୋତମପୁର ଗ୍ରାମ, କୁମାରେଶ୍ୱର, ନୂଆହାଟ ଏସବୁ ଅଂଚଳରେ ପିପିଲି ପୋଲିସ ପକ୍ଷରୁ ରାତ୍ରୀ ପେଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ଦାବି ହେଉଛି ।

# ୱାଟର ଫିଲ୍‌ଟର କୁଲର ଅଚଳ-ପିଇବା ପାଣି ପାଇଁ ରୋଗୀ ଡହଳବିକଳ

ନୂଆପଡା,୩୦।୬(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଥିବା ୱାଟର ଫିଲ୍‌ଟର କୁଲର ଅଚଳ ହୋଇ ପଡିଥିବା ଅଭିଯୋଗ ହେଉଛି । ଫଳରେ ରୋଗୀ କିମ୍ବା ସମ୍ପର୍କୀୟ ପିଇବା ପାଣି ପାଇଁ ଡହଳବିକଳ ହେଉଥିବା ଅଭିଯୋଗ କରିଛନ୍ତି । ସୂଚନାମତେ ନୂତନ ଭାବରେ ନିର୍ମିତ ଉପଖଣ୍ଡ ଚିକିତ୍ସାଳୟକୁ ଗତ ମଇ ମାସ ୮ ତାରିଖ ଦିନ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଶୁଭ ଉଦ୍‌ଘାଟନ କରିଥିଲେ । ସେହିଦିନ ଠାରୁ ଡାକ୍ତରଖାନା ସ୍ୱାଭାବିକ ହୋଇ ରୋଗୀଙ୍କ ଚିକିତ୍ସା ଜାରୀ ରହିଛି । ହେଲେ ଡାକ୍ତରଖାନାରେ ଲଗା ଯାଇଥିବା ୱାଟର ଫିଲ୍‌ଟର କୁଲର ଅଚଳ ହୋଇ ପଡିଥିବା ଅଭିଯୋଗ ହେଉଛି । ଗୋଟିଏ ଦୁଇ ଦିନ ପରେ ଏହି ୱାଟର ଫିଲ୍‌ଟର କୁଲର ବନ୍ଦ ହୋଇଯାଇଥିବା ଅଭିଯୋଗ ହେଉଛି । ଫଳରେ ଡାକ୍ତରଖାନାକୁ ଆସୁଥିବା ଲୋକେ ପିଇବା ପାଣି ପାଇଁ ଅନେକ ଅସୁବିଧା ଭୋଗ କରୁଥିବା ଅଭିଯୋଗ କରିଛନ୍ତି । ଡାକ୍ତରଖାନା ଉଦ୍‌ଘାଟନ ହେବାର ଏକ ମାସ ମଧ୍ୟରେ ଏପରି ଅବ୍ୟବସ୍ଥା ତେବେ ଆସନ୍ତା ଦିନରେ ଏହା ବୃଦ୍ଧି ପାଇବ ବୋଲି ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଡାକ୍ତରଖାନାରେ ଲଗାଯାଇଥିବା ବିଦ୍ୟୁତ ସରଞ୍ଜାମ ନିମ୍ନମାନର ହୋଇଥିବା ଯୋଗୁଁ ଏପରି ଅବ୍ୟବସ୍ଥା ଦେଖା ଦେଉଥିବାର ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ୱାଟର ଫିଲ୍‌ଟର କୁଲରକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

# କନ୍ଧମାଳ ଜିଲ୍ଲାରେ ୧୦ ହଜାରଟି ଅଙ୍ଗନବାଡି କେନ୍ଦ୍ର ର ନିଜସ୍ୱ ଗୃହ ନାହିଁ

କନ୍ଧମାଳ,୩୦।୬(ନି.ପ୍ର): କନ୍ଧମାଳ ଜିଲ୍ଲାରେ ଶିଶୁ ଓ ମହିଳା ବିକାଶ ଯୋଜନା ଧିମାଗତିରେ ଚାଲିଛି । ଜିଲ୍ଲାର ୧୦ ହଜାରଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ସେଥିପାଇଁ ସେଥିରରୁ ଅଧିକାଂଶ କେନ୍ଦ୍ର ଚାଲିଛି ଭଡା ଘରେ । କେଉଁଠି ଏ.ଏନ.ଏମଙ୍କ ଘରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର ତ ଆଉ କେଉଁଠି ଗାଁ କ୍ଲବ ଘରେ କିମ୍ବା ଅଙ୍ଗନବାଡି ଦିଦିଙ୍କ ଘରେ । ନୂତନ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଛି ଦୀର୍ଘବର୍ଷ ହେଲା । ତଥାପି ଘରକାମ ସରିବାକୁ ନାହିଁ । ଅର୍ଥ ଖର୍ଚ୍ଚ ନହୋଇ ବର୍ଷ ବର୍ଷ ଧରି ପଡିରହିଛି । ଯାହାକୁ ନେଇ ବିଭିନ୍ନ ସମୟରେ ଜିଲ୍ଲାସ୍ତରୀୟ ବୈଠକରେ ଉଦବେଗ ମଧ୍ୟ ପ୍ରକାଶ ପାଇଛି । ତ୍ରୟଦଶ ଆର୍ଥିକ ଯୋଜନାରେ ଜିଲ୍ଲା ପାଇଁ ୪୬୦ଟି ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । କିନ୍ତୁ ଏଯାଏଁ ଅର୍ଦ୍ଧାଧିକ ଘରକାମ ମଧ୍ୟ ସରିବାକୁ ନାହିଁ । ପ୍ରତି ଅଙ୍ଗନବାଡି କେନ୍ଦ୍ର ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଜିଲ୍ଲାରେ ମୋଟ ୨୧୦୨ଟି ଅଙ୍ଗନବାଡି କେନ୍ଦ୍ର ଥିବା ବେଳେ ପାଖାପାଖି ୧୦୦୦ କେନ୍ଦ୍ରର ନିଜସ୍ୱ ଘର ଥିବା ବେଳେ ଅନ୍ୟ ଗୁଡିକର ଘର ନାହିଁ । ଅଙ୍ଗନବାଡି କେନ୍ଦ୍ର ପାଇଁ ଆସିଥିବା ଅର୍ଥ ଡିଆରଡିଏ ମାଧ୍ୟମରେ ବ୍ଲକକୁ ପ୍ରଦାନ କରାଯାଇଛି ।

# ରସୁଲପୁର ବ୍ଲକର ପ୍ରଥମା ଖଣ୍ଡି ଓ ଚକଗୋପାଳପୁର ଗ୍ରାମକୁ କଂଟେନମେଂଟ ଜୋନ୍ ଘୋଷଣା

ଯାଜପୁର,୩୦।୬(ନି.ପ୍ର): ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକରେ ଗତ ୨୮ ତାରିଖ ଦିନ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂକ୍ରମଣକୁ ଏଡାଇବା ଲକ୍ଷ୍ୟ ନେଇ ପଦକ୍ଷେପ ସ୍ୱରୂପ ରସୁଲପୁର ବ୍ଲକର ପ୍ରଥମା ଖଣ୍ଡି ପଚାଂୟତର ଦୁଇଟି ଗ୍ରାମ ପ୍ରଥମା ଖଣ୍ଡି ଏବଂ ଚକଗୋପାଳପୁର ଗ୍ରାମକୁ ଆଜି ସକାଳ ୭ଟା ଠାରୁ ଆସନ୍ତା ଜୁଲାଇ ୧୨ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ କଂଟେନମେଂଟ ଜୋନ୍ ଭାବେ ଘୋଷଣା କରାଯାଇଛି । ସେଥିମଧ୍ୟରୁ ପ୍ରଥମା ଖଣ୍ଡି ଗ୍ରାମର ୱାର୍ଡ଼ ନଂ ୭, ୮, ୯, ୧୦, ୧୧ ଏବଂ ଚକ ଗୋପାଳପୁର ଗ୍ରାମର ୱାର୍ଡ଼ ନଂ ୬ ଅନ୍ତର୍ଭୁକ୍ତ । ଏହି ଦୁଇଟି ଗ୍ରାମର ସମୁଦାୟ ୪୦୩ ଟି ଘରର ୧୬୩୪ ଲୋକ ଏହି କଂଟେନମେଂଟ ଜୋନ୍ ରେ ରହିଛନ୍ତି । ସେମାନଙ୍କୁ ଏହି ଅବଧି ମଧ୍ୟରେ ସ୍ୱାସ୍ଥ୍ୟ ସେବା, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ପରିମଳ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ୪ ଜଣ ନୋଡ଼ାଲ୍ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି । ସେମାନେ ହେଲେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ରସୁଲପୁର ବିଡ଼ିଓ ଉମାକାନ୍ତ ପରିଡ଼ା, ମଧୁବନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ସୁଧିର କୁମାର ସାହୁ ଏବଂ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ।

## ବରୀ ସାମାଜିକ ସଂଗଠନ ପକ୍ଷରୁ ବିଦ୍ୟୁତ ଦେୟ ଛାଡ ଦାବି

ଧର୍ମଶାଳା,୩୦।୬(ନି.ପ୍ର): ମହାମାରୀ କରୋନା ସମ୍ପର୍କୀତ ଲକ୍‌ଡାଉନ ଓ ସଟ୍‌ଡାଇନ ଯୋଗୁଁ ଅନେକ ପରିବାରର ରୋଜଗାର କରୁଥିବା ରୋଜଗାରୀଆମାନେ ରୋଜଗାର ହରାଇ ବସିଛନ୍ତି । ଅନ୍ୟ ପକ୍ଷେ ଅନେକ ପରିବାର ସରକାରୀ ସହାୟତା ପାଇବାରୁ ବଂଚିତ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଆଜି ଯାଜପୁର ଜିଲା ବରୀ ଅଂଚଳର ସାମାଜିକ ସଂଗଠନ ସମୂହ ପକ୍ଷରୁ ବିଦ୍ୟୁତ ଦେୟ ଛାଡ କରିବା ନେଇ ଏକ ଦାବି ପତ୍ର ବରୀ ବିଦ୍ୟୁତ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ସଂଗଠନର ସମସ୍ତ କର୍ମଚାରୀ ଓ ଯୁବଗୋଷ୍ଠୀ ଉପସ୍ଥିତ ରହିଥିଲେ ।

# ଜାତୀୟ ରାଜପଥରୁ ଲୁଟ କରୁଥିବା ୩ ଲୁଟେରା ଗିରଫ, ଟଙ୍କା ସହ ୩ ମୋବାଇଲ ଜବତ

ଧର୍ମଶାଳା,୩୦।୬(ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥରେ କଟକରୁ ଫେରୁଥିବା ଜଣେ ଯୁବକଙ୍କୁ ୪ ଜଣ ଲୁଟେରା ଅଟକାଇ ମାଡ ମାରିବା ସହିତ ତାଙ୍କ ନିକଟରୁ ଅନେକ ସାମଗ୍ରୀ ଲୁଟ କରିନେଇଯାଇଥିଲେ । ବଡଚଣା ପୁଲିସ ୩ଟି ମୋବାଇଲ ଓ ୧୧୨୦୦ ଟଙ୍କା ଜବତ କରିବା ସହ ୩ ଜଣଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ବଡଚଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଆରକେଡି କମ୍ପାନୀ ନିକଟରୁ ଏହି ଲୁଟ ଚଳିତ ମାସ ୨୪ ତାରିଖରେ ହୋଇଥିଲା । ତେବେ ପରଦିନ ସଂପୃକ୍ତ ଯୁବକ ବଡଚଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାଧିକାରୀ ପ୍ରିୟବ୍ରତ ରାଉତ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଯେଉଁ ୩ଟି ମୋବାଇଲ ଚୋରି ହୋଇଥିଲା ସେହି ମୋବାଇଲ ନମ୍ବରକୁ ପୁଲିସ ଆଧାର କରି ୪ ଜଣ ଲୁଟେରାଙ୍କ ମଧ୍ୟରୁ ୩ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା । କଟକରୁ ନିଜ ସମ୍ପର୍କୀୟଙ୍କୁ ଦେଖା କରି ରାତି ପ୍ରାୟ ୧୧ଟାରେ ଉକ୍ତ ଯୁବକ ଫେରୁଥିବା ବେଳେ ଛତିଆ ନେଳିଆ ପେଟ୍ରୋଲ ପମ୍ପ ନିକଟରେ ରହି ଚାହା ପିଇଥିଲେ । ପରେ ନିଜ ପଲସର ବାଇକରେ ଯୁବକ ଜଣକ ଜାତୀୟ ରାଜପଥରେ ଆସୁଥିବା ବେଳେ ୪ ଜଣ ଲୁଟେରା ତାଙ୍କୁ ପିଛା କରି ଆରକେଡି କମ୍ପାନୀ ନିକଟରେ ଅଟକାଇ ମାଡ ମାରିବା ପରେ ତାଙ୍କ ମନିପର୍ସ ଏବଂ ୩ଟି ମୋବାଇଲକୁ ଲୁଟି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଲୁଟେରାମାନେ ହେଲେ ବୈରୀ ଥାନା ନେଳିଆ ଗାଁର ପ୍ରହଲ୍ଲାଦ ସ୍ୱାଇଁ(୪୦)ଓରଫ କାଳିଆ, ହୃଷିକେଶ ବେହେରା(୩୨) ଓରଫ ବିଦୁନା ଏବଂ ଫତେଗଡ ଥାନା ଅନ୍ତର୍ଗତ ଧଳାବନ୍ଧ ଗାଁର ଶ୍ରୀଧର ସ୍ୱାଇଁ(୩୦) ଓରଫ ସିରିଆ ବୋଲି ପୁଲିସ ସୂଚନା ଦେଇଛି । ଏମାନେ ବ୍ୟବହାର କରୁଥିବା ପଲସର ଗାଡିକୁ ବଡଚଣା ପୁଲିସ ଜବତ କରିଛି । ଏହି ୩ ଲୁଟେରା ଚଣ୍ଡିଖୋଲ ଅଂଚଳରେ ବୁଲୁଥିବା ବେଳେ ଥାନାଧିକାରୀ ଶ୍ରୀ ରାଉତ ଏବଂ ଏସଆଇ ଜ୍ୟୋତିରଞ୍ଜନ ମହାପାତ୍ର ସଦଳବଳେ ଗିରଫ କରିଥିଲେ । ତେବେ ଅନ୍ୟ ଜଣେ ଲୁଟେରା ଫେରାର ହୋଇଯାଇଛି ଏବଂ ତାକୁ ଯଥା ସମ୍ଭବ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ଗରିବଙ୍କୁ ମିଳୁନି ଆବାସ, ଧନୀକଙ୍କୁ ଯାହାକୁ ଯେତେ

ଭଦ୍ରକ, ୩୦/୬ (ହି.ସ.) - ଚାଳ ଓ ଝାଟିମାଟି ଘର ଆଉ ରହିବ ନାହିଁ । ସରକାରୀ ସ୍ତରରେ ସମସ୍ତଙ୍କୁ ମିଳିବ ପକ୍କାଘର ବୋଲି ଡିଣ୍ଡିମ ପିଟାଯାଉଛି । ଏନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା ପ୍ରଣୟନ କରାଯାଇଛି । ମାତ୍ର ରାଜନୈତିକ ଚାପରେ ଗରିବଙ୍କୁ ଏହି ଯୋଜନାରେ ସାମିଲ କରାଯାଉନଥିବା ବେଳେ ଧନୀକମାନଙ୍କୁ ଯାହାକୁ ଯେତେ ପ୍ରଦାନ କରାଯାଉଛି । ବିପିଏଲ୍ କାର୍ଡଧାରୀ ହୋଇ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏଯାବତ୍ ଆବାସ ଟିଏ ମିଳିନଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଗୋପୀନାଥପୁର ପଂଚାୟତ ଅଧୀନ କେଶରପୁର ଗାଁର ଖଟୁଆସାହିର ଆନନ୍ଦ ଖଟୁଆ । ସ୍ୱାମୀ-ସ୍ତ୍ରୀଙ୍କ ସହିତ ୪ ଟି ଝିଅ । ଦିନ ମଜୁରିଆ ଭାବେ କାମ କରି ଯାହା ରୋଜଗାର କରନ୍ତି, ସେଥିରେ ପରିବାର ପୋଷଣ ସହିତ ୨ଟି ଝିଅକୁ ବାହା ମଧ୍ୟ ଦେଇଛନ୍ତି । ଜଣେ ବିପିଏଲ୍ କାର୍ଡଧାରୀ ହୋଇ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ମିଳିନାହିଁ ଆବାସ ଯୋଜନା । ବାରମ୍ବାର ପଂଚାୟତ ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ୍ ଓ ଜିଲାପାଳଙ୍କ ଠାରେ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଫଳ ଶୂନ । ଏଥିସହିତ ନୁଆଣିଆ ଝାଟିମାଟି ଚାଳ ଛପର ଘର ହୋଇଥିବାରୁ ବାରମ୍ବାର ବାତ୍ୟା ବନ୍ୟାରେ ଘର ଭାଙ୍ଗିବା ସହିତ କାନ୍ଥ ମଧ୍ୟ ଭାଙ୍ଗିଥାଏ । ତହସିଲ ପକ୍ଷରୁ ତଦନ୍ତ ହୁଏ, ହେଲେ ଏହି ପରିବାରକୁ ଏଯାବତ୍ ଟଙ୍କାଟିଏ ଘରଭଙ୍ଗା ସହାୟତା ମିଳିନଥିବା ମଧ୍ୟ ଜଣାଯାଇଛି । ଏଇ ନିକଟରେ ବାତ୍ୟା ଅମ୍ପାନରେ କାନ୍ଥ ଭାଙ୍ଗିଥିବା ବେଳେ ବହୁକଷ୍ଟରେ ମରାମତି କରିଥିଲେ । ପୁଣି ଲଗାଣ ବର୍ଷାରେ ମଧ୍ୟ କାନ୍ଥ ଭାଙ୍ଗିଯାଇଛି । କରୋନା ପାଇଁ ଲକଡାଉନ୍‌ରେ କାମଧନ୍ଦା ବନ୍ଦ ଥିବାବେଳେ ଧାର କରଜ କରି ଏବେ କାନ୍ଥର ମରାମତି କରିଛନ୍ତି । ମାତ୍ର ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ପରିବାର ଲୋକେ କାଳାତିପାତ କରୁଥିବା ପରିଲକ୍ଷିତ ହୋଇଛି । ସରକାରୀ ସ୍ତରରେ ପକ୍କା ଘରଟିଏ ମିଳିଲେ ଏପରି ଦୁର୍ଦ୍ଦିନରୁ ମୁକ୍ତି ମିଳନ୍ତା ବୋଲି ଏହି ଗରିବ ପରିବାର ଦାବି କରିଛନ୍ତି । ଏହି ଘଟଣାଟି ସରପଂଚଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଶ୍ ଅନୁମେୟ । ଅନ୍ୟପଟେ ୨୦୧୯-୨୦ ଆର୍ଥିକ ବର୍ଷରେ ଆନନ୍ଦ ଖଟୁଆଙ୍କ ସ୍ତ୍ରୀ ଶାନ୍ତିଲତା ଖଟୁଆଙ୍କ ନାମରେ ଆବାସଟିଏ ଅନୁମତି ମିଳିଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟାଦେଶ ମିଳିନଥିବା ଜଣାଯାଇଛି । ତେବେ ଖୁବଶୀଘ୍ର ଏହି ଗରିବ ପରିବାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ପଂଚାୟତ ପକ୍ଷରୁ ସୂଚନା ମିଳିଛି ।

# ବିଦ୍ୟାଳୟ ହତା ଗଛରେ ଅଧା ଝୁଲନ୍ତା ଅବସ୍ଥାରେ ଯୁବକର ମୃତ ଦେହ ଉଦ୍ଧାର, ହତ୍ୟା ନା ଆତ୍ମହତ୍ୟା ଏହାକୁ ନେଇ ଉଠିଛି ପ୍ରଶ୍ନ

ବାରିପଦା,୩୦।୬(ନି.ପ୍ର): ବାରିପଦା ପୌରପରିଷଦ ମଧଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଲପଥ ପାର୍ଶ୍ୱ ତୁଳସୀଚଉରା ଛକ ନିକଟ ତୁଳସୀଚଉରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଆମ୍ବଗଛରେ ବେକରେ ଫାଶ ଥାଇ ଗୋଟାଏ ହାତରେ ଲମ୍ବା ଦୌଡ଼ିକୁ ଧରି ଅନ୍ୟ ହାତ ଖୋଲା ଥାଇ ତଳମାଟିରେ ଅଧାବସିବା ଅବସ୍ଥାରେ ଏକ ଯୁବକର ମୃତ ଶରୀରକୁ ବାରିପଦା ଟାଉନ ଥାନା ପୁଲିସ ଜବତ କରିବା ସହ ଶବକୁ ଚିହ୍ନଟ କରାଇବା ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲକୁ ପଠାଇଛନ୍ତି । ଏଥି ସହିତ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହରରେ । ଯୁବକ ଜଣ ବାରିପଦା ସହର ଉପକଣ୍ଠ ବାଗଡ଼ିହା(କରତବସା) ଅଂଚଳର ପଣ୍ଡା ସିଂ ବୋଲି ଜଣାପଡ଼ିଛି । ପ୍ରତ୍ୟକ୍ଷ ଦର୍ଶୀମାନଙ୍କ କହିବା ଅନୁସାରେ ଆଜି ପ୍ରାତଃ ଭ୍ରମଣ କରୁଥିବା ସମୟରେ ରାସ୍ତା ପାର୍ଶ୍ୱ ବିଦ୍ୟାଳୟ ହତା ଭିତରେ ଏକ ଯୁବକର ଝୁଲନ୍ତା ଶବକୁ ଦେଖି ବାରିପଦା ଟାଉନ ଥାନାକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଁଚି ଥିଲା । ତେବେ ପାରିପାର୍ଶ୍ୱିକ ଅବସ୍ଥାକୁ ତର୍ଜମା କଲେ ଏହା ଆତ୍ମହତ୍ୟା ନା ହତ୍ୟା ଏହାକୁ ନେଇ ଉଠିଛି ପ୍ରଶ୍ନ । ଏହାକୁ ନେଇ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ତଦନ୍ତ ଜାରି ରହିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ ଘଟଣା ଜଣାପଡ଼ିଯିବ ବୋଲି କହିଥିଲେ । ସେହିପରି ମୃତ ଯୁବକ ପଣ୍ଡା ସିଂଙ୍କୁ ବାରିପଦା ସହରରେ ମୁଟିଆ(କୁଲି) କାର୍ଯ୍ୟ କରୁଥିବା ବେଳେ ତାର ଜୀବନ ପ୍ରତି ପରିବାର ପକ୍ଷରୁ ବିପଦ ରହିଥିଲା ବୋଲି ସ୍ଥାନୀୟ ଲୋକଙ୍କ ନିକଟରେ ଘଟଣା ଦିନ ବିଳମ୍ବିତ ରାତିରେ ପ୍ରକାଶ କରିଥିବା ବିଷୟକୁ ନେଇ ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି ।

# ଭାରତ ମୁଣ୍ଡା ସମାଜ ପକ୍ଷରୁ ଶହୀଦ ଙ୍କୁ ଶ୍ରଦ୍ଧାଞ୍ଜଳି




ବାରିପଦା,୩୦।୬(ନି.ପ୍ର): ଆଜି ଭାରତମୁଣ୍ଡା ସମାଜର କର୍ମକର୍ତା ଓ ସଭ୍ୟମାନେ ଲୋଦାଖର ଗୋଲ ୱାନ୍ ଘାଟିରେ ଚୀନ୍ ସେନା ସହ ଲଢି ସହୀଦ ହୋଇଥିବା ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକର ନାଏବ ସୁବେଦାର ନନ୍ଦୁରାମ ସୋରେନ (୪୨) ଓ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର ବୀରପୁତ୍ର ସିପାହୀ ଚନ୍ଦ୍ରକାନ୍ତ ପ୍ରଧାନ (୨୮)ଙ୍କ ଅମର ଆତ୍ମାର ସଦ ଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ଓ ତାଙ୍କର ଫୋଟଚିତ୍ରରେ ପୁଷ୍ପମାଲ୍ୟ , ଧୂପ ଓ ପ୍ରଦୀପ ଜାଳି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ସଂଘର ରାଜ୍ୟ ସଭାପତି ଶ୍ରୀଯୁକ୍ତ ରବିନ୍ଦ୍ରନାଥ ସିଂହଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ଶୋକ ସଭାରେ ଭାରତମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଶ୍ରୀନାଥ ସିଂହ, ଉପସଭାପତି ଶିବପ୍ରସାଦ ସିଂହ, ରାଜ୍ୟ କୋଷାଧ୍ୟକ୍ଷ ବାଇଧର ସିଂ, ଉପଦେଷ୍ଟା ମୋନଜ କୁମାର ମୁଣ୍ଡା, ସମ୍ପାଦକ ସୁନାରାମ ସିଂ, ଜୟରାମ ସିଂ, ଶରତଚନ୍ଦ୍ର ସିଂ, ଡା. ପରମେଶ୍ୱର ସିଂ, ବିର୍ସାମୁଣ୍ଡା ମୋମୋରିଆଲ୍ କ୍ଲବ ର ସଭାପତି ନରେଶଚନ୍ଦ୍ର ସିଂ, ମୁଣ୍ଡାରୀ ବାନୀ ଶିକ୍ଷକ ବାଉଳା ସିଂ, ସଂଘର ସକ୍ରିୟ ସଦସ୍ୟ ହରିହର ସିଂ, ରାମେଶ୍ୱର ସିଂ, ମଙ୍ଗଳ ଚରଣ ସିଂ, ଗୌରମୋହନ ସିଂ, ଶାନ୍ତନୁ କୁମାର ସିଂ ପ୍ରଭୃତି ଉପସ୍ଥିତ ଥିଲେ ଓ ଦୁଇ ସହୀଦ ବୀର ଜବାନଙ୍କ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ବାମପନ୍ଥୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୩୦।୬ (ନି.ପ୍ର): କରୋନା ମହାମାରୀ ମୁକାବିଲା ନାମରେ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପ୍ରସ୍ତୁତି ନକରି ଲକ୍ ଡାଉନ୍, ସଟ୍‌ଡାଉନ୍ ଘୋଷଣା କରି ସାଧାରଣ ଲୋକଙ୍କୁ ଅଗଣତାନ୍ତ୍ରିକ ଭାବରେ ଘରେ ବନ୍ଦୀ କରି ରଖି ପ୍ରତ୍ୟେକ ଦିନ ଡିଜେଲ, ପେଟ୍ରୋଲ ଦର ବୃଦ୍ଧି ସହିତ ବିଭିନ୍ନ ପ୍ରକାର ଶ୍ରମିକ, କୃଷକ ବିରୋଧି ଆଇନ୍ ପ୍ରଣୟନ କରି ଜନଜୀବନକୁ ଅତିଷ୍ଠ କରୁଥିବା ପ୍ରତିବାଦରେ ଆଜି ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକରେ ୪ଗୋଟି ବାମପନ୍ଥୀ ଦଳ ସିପିଆଇ, ସିପିଆଇ (ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେସନ ଏବଂ ଏଆଇଏଫବି ପକ୍ଷରୁ ଧାରଣା ଦିଆଯାଇ ଏହି ଦରବୃଦ୍ଧିର ପ୍ରତିବାଦ କରାଯାଇଥିଲା। ନରେନ୍ଦ୍ର ମୋଦୀ ସରକାର କ୍ଷମତାକୁ ଆସିଲାବେଳେ ଆନ୍ତର୍ଜାତିକ ବଜାରରେ ବ୍ୟାରେଲ ପିଛା ଅଶୋଧିତ ତୈଳଦର ୧୧୦ ଡଲାର ଥିଲାବେଳେ ଏହା ଯଥେଷ୍ଟ ହ୍ରାସ ପାଇ ୪୦ ଡଲାରରେ ପହଂଚିଛି। କେନ୍ଦ୍ର ସରକାର ଆଜି ପର୍ଯ୍ୟନ୍ତ ୧୩ଥର ଅବକାରୀ ଶୁଳ୍କ ବୃଦ୍ଧି ଘଟାଇବା ଫଳରେ ତୈଳଦର ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ୨୩ ଟଙ୍କାର ତୈଳ ଆଜି ୮୦ଟଙ୍କାରେ ବିକ୍ରି ହେଉଛି। ଗତ ୪ ମାସ ମଧ୍ୟରେ ସଟ୍‌ଡାଉନ୍, ଲକ୍‌ଡାଉନ୍ ଫଳରେ ଡିଜେଲ, ପେଟ୍ରୋଲ ବ୍ୟବହାର କମିଯାଇଛି। କମ୍ପାନୀମାନଙ୍କର ଏହି କ୍ଷତିକୁ ଭରଣା କରିବା ପାଇଁ କେନ୍ଦ୍ର ସରକାର ଦରବୃଦ୍ଧି କରି ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ ଲଦି ଦେଉଛନ୍ତି ଓ ଏହାର ପ୍ରଭାବ ସାଧାରଣ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ପଡୁଛି ବୋଲି ଦଳର ବକ୍ତାମାନେ ଅଭିଯୋଗ କରିଥିଲେ। ତୁରନ୍ତ କେନ୍ଦ୍ର ସରକାର ଅବକାରୀ ଶୁଳ୍କ ହ୍ରାସ ସହିତ ପେଟ୍ରୋଲ, ଡିଜେଲ ଦର କମାଇବା, କରୋନା ସମୟରେ ଲୋକେ ହନ୍ତସନ୍ତ ହେଉଥିଲାବେଳେ ପ୍ରତ୍ୟେକ ପରିବାରକୁ ମୁଣ୍ଡପିଛା ୧୦ କେ.ଜି. ଚାଉଳ ଦେବା ଓ ଆୟକର ଦେଉନଥିବା ପ୍ରତ୍ୟେକ ପରିବାରକୁ ୭୫୦୦ ଟଙ୍କା ୬ ମାସ ପର୍ଯ୍ୟନ୍ତ ଯୋଗାଇଦେବାକୁ ଦାବି କରାଯାଇଥିଲା। ଏହି ଆନ୍ଦୋଳନରେ ସିପିଆଇ ପକ୍ଷରୁ ଆଶିଷ କାନୁନ୍‌ଗୋ, ରାମକୃଷ୍ଣ ପଣ୍ଡା, ସୁର ଜେନା, ସିପିଆଇ(ଏମ୍) ପକ୍ଷରୁ ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ଦୁଷ୍ମନ୍ତ ଦାସ, ଜଗନ୍ନାଥ ମିଶ୍ର, ସିପିଆଇ(ଏମ୍‌ଏଲ୍) ଲିବରେସନ ପକ୍ଷରୁ ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ଼ ପକ୍ଷରୁ ଜ୍ୟୋତିରଞ୍ଜନ ମହାପାତ୍ର, ପୂର୍ଣ୍ଣପାଢ଼ୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଜିଲ୍ଲା ବିଜେପି ପକ୍ଷରୁ ମଙ୍ଗୁଭାଇଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର,୩୦।୬ (ନି.ପ୍ର): ଜିଲ୍ଲା ବିଜେପି ପକ୍ଷରୁ ସଦର ବିଧାୟକ ମଦନ ମୋହନ ଦତ୍ତ(ମଙ୍ଗୁଭାଇ)ଙ୍କୁ ଆଜି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ଥାନୀୟ ଭେନ୍ୟା ପରାଡାଇଜ୍ କଲ୍ୟାଣମଣ୍ଡପରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ଦିଲ୍ଲୀରେ ଥାଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଧର୍ମେନ୍ଦ୍ର ପ୍ରଧାନ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସ୍ୱର୍ଗତ ଦତ୍ତଙ୍କୁ ମନେ ପକାଇ ସ୍ମୃତିଚାରଣ କରିଥିଲେ। ସଂଘ ପରିବାରର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳରେ ଯୋଗଦେଇ ମଙ୍ଗୁଭାଇ ପରବର୍ତ୍ତୀ ସମୟରେ ବିଜେପିର ଜଣେ ସକ୍ରିୟ କର୍ମୀ ହୋଇପାରିଥିଲେ। ବାଲେଶ୍ୱରରେ ଦଳକୁ ସ୍ୱତନ୍ତ୍ର ପରିଚୟ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମତ୍ୟୁ ପର୍ଯ୍ୟନ୍ତ ସଂଗଠନକୁ ସର୍ବସ୍ୱ ଭାବେ ଗ୍ରହଣ କରିଥିବା ମଙ୍ଗୁଭାଇଙ୍କ ଅକାଳ ବିୟୋଗ, ଦଳ ଏକ ସମର୍ପିତ କର୍ମୀ ହରାଇଲା ବୋଲି କେନ୍ଦ୍ରମନ୍ତ୍ରୀ ଦ୍ୱୟ ଭାବ ବିହ୍ୱଳ ମତ ପ୍ରକାଶ କରିଥିଲେ। ସେହିପରି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ମୟୂରଭଂଜ ଜିଲ୍ଲା ସଭାପତି କାନ୍ଦରା ସୋରେନ୍, ମୟୂରଭଂଜ ପୂର୍ବତନ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାନସଭାର ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ମଧ୍ୟ ଅନୁରୂପ ଭାବେ ଭିଡିଓ କନଫାରେନ୍ସିଂ ଜରିଆରେ ସ୍ୱର୍ଗତ ଦତ୍ତଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ଦତ୍ତଙ୍କ ସୁପୁତ୍ର ମାନସ ରଂଜନ ଦତ୍ତ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବରିଷ୍ଠ ବିଜେପି ନେତା ହରେକୃଷ୍ଣ ଦାଶ, ଶୁଭଙ୍କର ମହାପାତ୍ର, ଗୌରାଙ୍ଗ ଦାସ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଲୟୋଦର ନାୟକ, ସୋର ବିଧାସଭା ଆସନର ବିଜେପି ପ୍ରାର୍ଥୀ ରାକେଶ ମଲ୍ଲିକ, ଭୋଗରାଇ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା କର୍ମକର୍ତ୍ତା ସୁଷମା ବିଶ୍ୱାଳ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଆଇନଜୀବୀ ପ୍ରସନ୍ନ ପାଢ଼ୀ, ଜିଲ୍ଲା ଉପ-ସଭାପତି ଈଶ୍ୱର ବେହେରା ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସ୍ୱର୍ଗତ ଦତ୍ତ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ଏଥିରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଦତ୍ତଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ନିରବ ପ୍ରାର୍ଥନା କରାଯାଇଥିଲା। ବାଲେଶ୍ୱର ସହ ଭୁବନେଶ୍ୱର ଓ ଦିଲ୍ଲୀକୁ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଯୋଡ଼ି ସଭାକାର୍ଯ୍ୟ ଆୟୋଜନରେ ବିଜେପି ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଯୁବମୋର୍ଚ୍ଚାର ରାଜ୍ୟ କର୍ମକର୍ତ୍ତା ଚନ୍ଦ୍ରଶେଖର ନନ୍ଦ, ପ୍ରବୀର ଶଙ୍କର ଦାଶ ଓ ଜିଲ୍ଲା କର୍ମକର୍ତ୍ତା ରଣଜିତ୍ ପ୍ରଧାନ, ପିଣ୍ଟୁ ପଣ୍ଡା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୪୯ ମଣ୍ଡଳ ସଭାପତି, ସମସ୍ତ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କ ସମେତ ଜିଲ୍ଲାର ନେତୃବୃନ୍ଦ ଉପସ୍ଥିତ ରହି ସ୍ୱର୍ଗତ ଦତ୍ତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡା, ରାଜେଶ ମହାପାତ୍ର, ଡାକ୍ତର ଶୁଭଂକର ସାହୁ, ନିତୁନ୍ ସାହା, ରଣଜିତ୍ ପୃଷ୍ଟି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପର୍ଶୁରାମ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ପାଂଚ ମାସ ପାଇଁ ବୃଦ୍ଧି ଘୋଷଣାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସ୍ୱାଗତ



ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସମ୍ବୋଧିତ କରି ଗରିବ, କୃଷକ ଏବଂ ଶ୍ରମିକ ସମେତ ଦେଶର ୮୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ପାଂଚ ମାସ ପାଇଁ ବୃଦ୍ଧି କରିଥିବା ଘୋଷଣାକୁ ସ୍ୱାଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେଶ ତଥା ଓଡ଼ିଶା ଭଳି ରାଜ୍ୟ ଏହା ଦ୍ୱାରା ଅଧିକ ଲାଭ ପାଇବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଏହି ଘଡ଼ିସନ୍ଧି ମୁହୂର୍ତରେ ଦେଶର ଜଣେ ବି ଲୋକ ଭୋକରେ ନରୁହନ୍ତୁ, ଏହାକୁ ମୋଦି ସରକାର ଅଧିକ ପ୍ରାଥମିକତା ଦେଇଛନ୍ତି । ଗୋଟିଏ ଦେଶ, ଗୋଟିଏ ରାସନ କାର୍ଡର ବ୍ୟବସ୍ଥା ଏବଂ ଗରିବ କଲ୍ୟାଣ ଅନ୍ନ ଯୋଜନାର ସଂପ୍ରସାରଣ ଗରିବଙ୍କ କଲ୍ୟାଣ ପ୍ରତି ମୋଦି ସରକାରଙ୍କ ସମର୍ପଣ ଭାବନାକୁ ଦର୍ଶାଉଛି । ଦେଶର କୃଷକ ଓ କରଦାତାଙ୍କୁ ସମ୍ମାନ ଜଣାଇ ସେ କହିଛନ୍ତି ଯେ ଦେଶର କୃଷକ ଓ କରଦାତାଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମ ଯୋଗୁଁ ଭାରତ ଗରିବ ତଥା ସମାଜର ସବୁ ତଳ ସ୍ତରର ଲୋକଙ୍କୁ ସାହାଯ୍ୟ ଓ ସଶକ୍ତିକରଣ କରିବାର ପ୍ରୟାସକୁ ସଫଳତାର ସହ ଆୟୋଜନ କରିପାରିଛି । କରୋନା ସହ ଲଢ଼େଇ ଏବେ ସୁଦ୍ଧା ସମାପ୍ତ ହୋଇନାହିଁ । ଏହି ସଂକ୍ରମଣ ପ୍ରତି ସତର୍କ ଏବଂ ସାବଧାନ୍ ହିଁ ବର୍ତମାନ ସମୟରେ ବଡ଼ ସୁରକ୍ଷା । କରୋନା ବିରୁଦ୍ଧରେ ସମସ୍ତ ନିୟମକୁ ମାନି ଦେଶ ଏବଂ ଅର୍ଥ ବ୍ୟବସ୍ଥାକୁ ଆତ୍ମନିର୍ଭର ଆଡ଼କୁ ନେବାର ଆବଶ୍ୟକତା ରହିଛି । ସୁସ୍ଥ ରହି ଦୁଇ ମିଟର ଦୂରତାକୁ ପାଳନ କରିବା, ଗାମୁଛା, ମାସ୍କ ଇତ୍ୟାଦିର ଉପଯୋଗ କରି ଆମେ ଅର୍ଥନୈତିକ ପ୍ରକ୍ରିୟାକୁ ଅଗ୍ରସର କରାଇପାରିବ ବୋଲି ସେ କହିଛନ୍ତି । ଲୋକାଲ୍ ପାଇଁ ଭୋକାଲ୍ ହୋଇ ଆମେ ଆତ୍ମନିର୍ଭର ଭାରତ ପାଇଁ ସଂକଳ୍ପ କରିବା ଏବଂ ଆଗକୁ ବଢ଼ିବା ବୋଲି ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ଉଲ୍ଲେଖନୀୟ ଯେ, ବର୍ତମାନର ପରିସ୍ଥିତିକୁ ଦେଖି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ନଭେମ୍ବର ଶେଷ ପର୍ଯ୍ୟନ୍ତ ତଥା ଆସନ୍ତା ପାଂଚ ମାସ ପାଇଁ ବୃଦ୍ଧି କରାଯାଇଛି । ଏହାର ମୂଲ୍ୟ ୯୦ହଜାର କୋଟିରୁ ଅଧିକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ମୁଣ୍ଡ ପିଛା ୫ କେଜି ଚାଉଳ କିମ୍ବା ଗହମ ଓ ପ୍ରତି ପରିବାରକୁ ମିଳିବ ୧ କିଲୋ ଡ଼ାଲି ଆଗାମୀ ପାଂଚ ମାସ ପାଇଁ ଦିଆଯିବ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ମାସ୍କ ଉପରେ ଗୁରୁତ୍ୱାରୋପ କରିଥିଲେ । ଗୋଟିଏ ଦେଶର ପ୍ରଧାନମନ୍ତ୍ରୀ ସାର୍ବଜନୀନ ସ୍ଥାନରେ ମାସ୍କ ନପିନ୍ଧିଥିବାରୁ ତାଙ୍କ ଠାରୁ ୧୩ ହଜାର ଟଙ୍କା ଆଦାୟ କରାଯାଇଛି ବୋଲି ଉଦାହରଣ ଦେବା ସହ ଦେଶବାସୀଙ୍କୁ ସର୍ବସାଧାରଣରେ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦେଇଛନ୍ତି ।

# ମାଇକ୍ରୋଫାଇନାନ୍ସ ଜୁଲମ ନେଇ ମହିଳା ସଂଘ ପକ୍ଷରୁ ଉପଜିଲ୍ଲପାଳଙ୍କଠାରେ ଅଭିଯୋଗ



ନୀଳଗିରି,୩୦।୬ (ନି.ପ୍ର): ନୀଳଗିରି ଅଂଚଳରେ କିଛି ମାଇକ୍ରୋଫାଇନାନ୍ସ ସଂସ୍ଥାର ଜୁଲମ ଦିନକୁ ଦିନ ବଢୁଥିବା ଯୋଗୁଁ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି। ସଂସ୍ଥାର ମୁଖ୍ୟ ମାନେ କେତେବେଳେ ବିଧାୟକ ଓ କେତେବେଳେ ପ୍ରଶାସନ ଅଧିକାରୀଙ୍କ ଆଗରେ ଋଣ ଆଦାୟ ପାଇଁ ଜୁଲମ କରିବେ ନାହିଁ ବୋଲି ପ୍ରତିଶୃତି ଦେଉଥିଲେ ସୁଦ୍ଧା ପ୍ରତିଶୃତି ପ୍ରତିଶୃତିରେ ହିଁ ରହିଯାଉଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଅଧିନସ୍ଥ ଭଉଁରିଆବାଡ ପଂଚାୟତର ତୁଳଶୀଡିହା ଗ୍ରାମର ଆର୍ଶୀବାଦ ଫାଇନାନ୍ସ ,ପିପୁଲ୍ସ ଫାଇନାନ୍ସ କମ୍ପାନୀର ମହିଳା ଓ ଗ୍ରାମଶକ୍ତି କମ୍ପାନୀରୁ ଶହ ଶହ ମହିଳା ଋଣ ନେଇଥିଲେ। ଆଜି ସଂସ୍ଥାର ଏଜେଂଟ ମାନେ ପୁଣି ମହିଳା ମାନଙ୍କ ଘରକୁ ଯାଇ ଋଣ ପରିଶୋଦ ପାଇଁ ଜିଦ କରିବାରୁ ପରିସ୍ଥିତି ଭୟାବହ ହୋଇଥିଲା। ଏପରିକି ଖବର ପାଇ ଘଟଣା ସ୍ଥଳରେ ନୀଳଗିରି ତହସିଲଦାର ଅଶେଷ ନାୟକ ପହଂଚି କମ୍ପାନୀ ଏଜେଂଟ ମାନଙ୍କୁ ତାଗିତ କରିବା ପରେ ଏଜେଂଟ ମାନେ ଛୁ ମାରିଥିଲେ। ବିଦ୍ଧିବଦ୍ଧ ଭାବରେ ପ୍ରଶାସନ ବେସରକାରୀ ଋଣ ଯୋଗାଣକାରୀ ସଂସ୍ଥା ଉପରେ ଅଙ୍କୁଶ ଲଗାଇବା ପାଇଁ ମହିଳା ସଂଘ ମାନଙ୍କର ନେତୃତ୍ୱ ନେଉଥିବା ମଙ୍ଗଳା ବିନ୍ଧାଣୀ , ଦଶମୀ ବିନ୍ଧାଣୀ, କୁନି ସିଂ, ସୁମିତ୍ରା ସିଂ, ଦମୟନ୍ତି ସିଂ, ଦୁଃଖୀ ବିନ୍ଧାଣୀ, ଶକୁନ୍ତଳା ବିନ୍ଧାଣୀ, ଗୌରିମଣି ସିଂ, ଶାନ୍ତିଲତା ବିନ୍ଧାଣୀ ପ୍ରମୁଖ ଦାବୀ କରିଛନ୍ତି। କରୋନା ମହାମାରୀ ଯୋଗୁଁ ପରିବାରରେ ରୋଜଗାର ବନ୍ଦ ହୋଇଯାଇଥିବା ଋଣ ପରିଷଦ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇଛି। ଅପରପକ୍ଷରେ ନୀଳଗିରି ଏନଏସି ଅଧିନସ୍ଥ ୬ ନଂ ୱାର୍ଡ ମଙ୍ଗଳା ସାହିରେ ଆର୍ଶିବାଦ ଫାଇନାନ୍ସ କମ୍ପାନୀର ଏଜେଂଟ ମାନେ ପଂହଚି ଋଣ ଆଦାୟ ପାଇଁ ମହିଳାଙ୍କ ଘରେ ବସି ରହିବାରୁ ଉତେଜନା ଦେଖାଦେଇଥିଲା। ଖବର ପାଇ ଗଣମାଧମ ପ୍ରତିନିଧି ଓ ପୋଲିସ ମାନେ ପହଂଚିବାରୁ ଏଜେଂଟ ମାନେ ଘଟଣାସ୍ଥଳରୁ ପଳାଇଯାଇଥିବାର ସୂଚନା ମିଳିଛି।

# ମାଛହାଟ ସ୍ଥାନାନ୍ତର ନେଇ ବିବାଦ ଘନେଇଲା : ପୂର୍ବସ୍ଥାନକୁ ନ ଯିବାକୁ ଜିଲାପାଳଙ୍କୁ ନିବେଦନ



ଜଳେଶ୍ୱର,୩୦।୬(ନିପ୍ର): ଜଳେଶ୍ୱର ପୌର ପରିଷଦ ଅଧିନରେ ଦୈନିକ ବଜାରରେ ବସୁଥିବା ମାଛହାଟ ସ୍ଥାନାନ୍ତର ହେବାପରେ ଆସନ୍ତା ୧ ତାରିଖରେ ପୁଣି ପୂର୍ବସ୍ଥାନକୁ ସ୍ଥାନାନ୍ତର ହେଉଥିବା ଜଣାଯିବାପରେ ଏହାର ପ୍ରତିବାଦରେ ଆଜି ବାଲେଶ୍ୱର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କୋଭିଦ୍-୧୯ ସଂକ୍ରମଣ ଭୟରେ ଜଳେଶ୍ୱର ପ୍ରଶାସନ ଜଳେଶ୍ୱରର ଦୈନିକ ବାଜରକୁ ସଂପ୍ରସାରଣ କରିଥିଲେ। କିନ୍ତୁ ମାଛହାଟର ଭିଡକୁ ଲକ୍ଷ କରି ତାକୁ ବଡବଜାରଛକ ବଡପୋଲ ନିକଟକୁ ସ୍ଥାନାନ୍ତରିତ କରାଯାଇଥିଲା । ବର୍ଷା ଯୋଗୁଁ ଏହିସ୍ଥାନଟି କର୍ଦ୍ଦମାକ୍ତ ହେଉଥିବାରୁ ଉଭୟେ ଖାଉଟି ଓ ମାଛ ବ୍ୟବସାୟୀ ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ । ଏ ସଂପର୍କରେ ଜଳେଶ୍ୱରର କିଛି ବିଶିଷ୍ଟ ବ୍ୟକ୍ତକତି, ମାଛ ବ୍ୟବସାୟୀ ଓ ନେତୃସ୍ଥାନୀୟ ବ୍ୟକ୍ତି ମ୍ୟୁନିସିପାଲଟି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକଷ;ଣ କରିଥିଲେ । ଗତ ସୋମବାର ବାଲେଶ୍ୱର ଉପଜିଲାପାଳ ତଥା ପୌର ପ୍ରଶାସକ ନିଲୁ ମହାପାତ୍ର ଜଳେଶ୍ୱର ଆସିଥିବା ଅବସରରେ ଜଳେଶ୍ୱରର ମାଛବ୍ୟବସାୟୀ ଓ ଅନ୍ୟ କେତେକ ବ୍ୟକ୍ତି ମାଛହାଟ ସ୍ଥାନାନ୍ତର ନେଇ ଆଲୋଚନା କରିଥିଲେ । ଶେଷରେ ଦୈନିକ ବଜାରରେ ସେମାନେ ପୂର୍ବରୁ ବସୁଥିବା ସ୍ଥାନଗୁଡିକରେ ସାମାଜିକ ଦୂରତା ବଜାଇ ରଖି ମାଛ ବିକ୍ରି କରିବା ସିଦ୍ଧାନ୍ତ ହୋଇଥିବା ଜଣାଯାଇଛି । ଆସନ୍ତା ୧ ତାରିଖ ଠାରୁ ମାଛହାଟ ପୂର୍ବସ୍ଥାନକୁ ଯିବାର ଜଣାଯିବାପରେ ଏହା ଏକ ଆଲୋଚ୍ୟର ବିଷୟ ହୋଇଛି । ଏଥିନେଇ ଜଳେଶ୍ୱର ପୌରାଞ୍ଚଳର ସିଦ୍ଧେଶ୍ୱର ପଣ୍ଡା, ବନମାଳି ଧଳ, ମାନସ କୁମାର ପାଠୀ, ସୁବ୍ରତ ବେରା, ସୁଶାନ୍ତ ପଣ୍ଡା, ବିଶ୍ୱଜିତ୍ ଧଳ ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କୋଭିଦ୍-୧୯ ସଂକ୍ରମଣ ବଢିଚାଲିଥିବା ବେଳେ ଗୋଟିଏ ସ୍ଥାନରେ ଦୈନିକ ବଜାର ଓ ମାଛହାଟ ରହିଲେ ଅଧିକ ଭିଡହେବାର ସମ୍ଭାବନା ରହିଥିବାରୁ ସଂକ୍ରମଣର ଆଶଙ୍କା ରହିଛି । ତେଣୁ ମାଛହାଟ ସ୍ଥାନାନ୍ତର ବିପଦ ସୃଷ୍ଟି କରିବବୋଲି ଚେତାବନୀ ଦିଆଯାଇଛି ।

# ୩୫୦ ଟପିଲା ବାଲେଶ୍ୱରରେ କରୋନା ସଂକମିତଙ୍କ ସଂଖ୍ୟା

ବାଲେଶ୍ୱର,୩୦।୬ (ନି.ପ୍ର): ଦିନକୁ ଦିନ ଦେଶରେ ବଢ଼ି ଚାଲିଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦେଶର କରୋନା ସଂକ୍ରମିତଙ୍କ ସଂଖା ସାଢ଼େ ୫ ଲକ୍ଷ ଟପିଥିବା ବେଳେ ଓଡ଼ିଶାରେ ମଧ୍ୟ ଅନୁରୂପ ଭାବେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଆଜି ୨୦୬ଜଣ ନୂଆ ପଜିଟିଭଙ୍କ ସମେତ ରାଜ୍ୟରେ ଏହି ସଂଖ୍ୟା ୭୦୬୫ରେ ପହଞ୍ଚିଛି। ତବେ ଆଜି ୨୪୩ ଜଣଙ୍କ ସମେତ ରାଜ୍ୟରେ ଅଦ୍ୟାବଧି ୫୧୮୯ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏବେ ୧୮୪୪ ଜଣଙ୍କୁ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ସେହିଭଳି ବାଲେଶ୍ୱରରେ ଆଜି ୫ ଜଣ ନୂଆ ପଜିଟଭ୍ ଚିହ୍ନଟ ପରେ ଜିଲ୍ଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୫୧ରେ ପହଞ୍ଚିଛି। ଆଜି୨ ଜଣଙ୍କୁ ମିଶାଇ ଜିଲ୍ଲାରେ ଅଦ୍ୟାବଧି ମୋଟ ୨୭୮ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ୭୨ ଜଣ ଏକ୍ଟିଭ୍‌ଙ୍କୁ କୋଭିଡ ହସପିଟାଲରେ ଚିକିତ୍ସା କରାଯାଉଛି। ଜୁନ୍ ୧ ତାରିଖରୁ ଦେଶରେ ଲାଗୁ ହୋଇଥିବା ଅନଲକ୍-୧.୦ ଆଜି ଶେଷ ହୋଇଥିବା ବେଳେ ଅନଲକ୍-୨ର ନିୟମାବଳୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷିତ ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଗତମାସ ଭଳି ଅଧିକ କିଛି କଟକଣା ସହ ଏହି ନିୟମାବଳୀ ଲାଗୁ ହୋଇଛି। ତେବେ ସଂଧ୍ୟା ୭ଟାରୁ ସକାଳ ୬ଟା ପରିବର୍ତ୍ତେ ସମଗ୍ର ଓଡ଼ିଶାରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଜାରି ରଖିବାକୁ ନିଷ୍ପତି ନିଆଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱର ସମେତ ୧୦ ଗୋଟି ସଂକ୍ରମଣ ପ୍ରବଣ ଜିଲ୍ଲାରେ ସାପ୍ତାହିକ ୨ ଦିନିଆ ସଟଡାଉନ ବଳବତ୍ତର ରଖିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି।

# ପାର୍ଟ ଟାଇମ୍ ପ୍ରଶିକ୍ଷକଙ୍କ ଦରମା କାଟ୍‌କୁ ନେଇ ଅସନ୍ତୋଷ: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ବାଲେଶ୍ୱର,୩୦।୬ (ନି.ପ୍ର): କରୋନା ସ୍ଥିତିରେ ସ୍ୱଳ୍ପ ବେତନଭୋଗୀ ପାର୍ଟ ଟାଇମ ଶିକ୍ଷକଙ୍କ ଦରମା କାଟକୁ ନେଇ ଜିଲ୍ଲା ପାର୍ଟ ଟାଇମ୍ ପ୍ରଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅତ୍ୟନ୍ତ ସ୍ୱଳ୍ପ ବେତନରେ ୨୦୧୩ ମସିହାରୁ ଜିଲ୍ଲାର ବିଭିନ୍ନ ମଧ୍ୟ ଇଂରାଜୀ ଓ ନୋଡାଲ ୟୁପି ସ୍କୁଲରେ କଳା ଓ କ୍ରୀଡ଼ା ଶିକ୍ଷକ ଭାବେ ସେମାନେ କାର୍ଯ୍ୟ କରିଆସୁଛନ୍ତି। କରୋନା ସକ୍ରମଣକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ବନ୍ଦ ରହିଥିବା ବେଳେ ନିୟମିତ ଶିକ୍ଷକଙ୍କ ଭଳି ପାର୍ଟ ଟାଇମ୍ ପ୍ରଶିକ୍ଷକମାନେ ମଧ୍ୟ ସ୍କୁଲକୁ ଆସି ଛାତ୍ରଛାତ୍ରୀଙ୍କ ପୁସ୍ତକ ବଣ୍ଟନ ଓ ମଧ୍ୟାହ୍ନ ଭୋଜନ ବଣ୍ଟନ କରୁଛନ୍ତି। ଏଥି ସହିତ ବିଭିନ୍ନ ସ୍କୁଲରେ ହୋଇଥିବା କ୍ୱାରେଣ୍ଟାଇନ୍ କେନ୍ଦ୍ର ପରିଚାଳନାରେ ବି ସହଯୋଗ କରୁଛନ୍ତି। ନିୟମିତ ଶିକ୍ଷକଙ୍କ ଭଳି ଦରମା ପରିବର୍ତ୍ତେ ସେମାନଙ୍କୁ ମାସିକ ୨୬ ଦିନ ପାଇଁ ମାତ୍ର ୪ ହଜାର ୩୧୨ ଟଙ୍କା ମିଳିଥାଏ ବୋଲି ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ତେବେ କରୋନା ଭଳି ସ୍ଥିତିରେ କାର୍ଯ୍ୟ କରି ମଧ୍ୟ ସେମାନଙ୍କର ୧୯ ଦିନର ଦରମା କାଟ ସହ ମାତ୍ର ୫ ଦିନର ଅର୍ଥ ମିଳିଥିବା ସଂଘ ପକ୍ଷରୁ ଆରୋପ ହୋଇଛି। କରୋନା ସ୍ଥିତିରେ ସରକାରୀ ହେଉ ବେସରକାରୀ, କୌଣସି କର୍ମଚାରୀଙ୍କ ଦରମା କାଟ ହୋଇ ପାରିବ ନାହିଁ ବୋଲି ରାଜ୍ୟ ସରକାରଙ୍କ କୋଭିଡ୍ ମୁଖପାତ୍ର ଘୋଷଣା କରିଥିଲେ। ମାତ୍ର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଦରମା କାଟ ପ୍ରସଙ୍ଗର ପୁନର୍ବିଚାର ପାଇଁ ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଗଠନର ପ୍ରତିନିଧି ଦଳଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ସୁଚିତ୍ରା ଗିରି, ପ୍ରୀତିସୁଧା ମହାନ୍ତି, ସବିତା ପାଲ, ଶାଶ୍ୱତ ସୌରଭ ପାଲ, ନତ୍ୟନୂତନ ଦେ, ଦେବୀଶ୍ରୀ ଗାଆଣ, ପ୍ରଦୀପ କୁମାର ପଣ୍ଡା, କୁମାର ଗୌରବ ସାହାଣୀ, ଶେଖ୍ ଏହେସାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ମଦଭର୍ତ୍ତି ସ୍କୁଟି ଜବତ୍:୨ଗିରଫ

ବାଲେଶ୍ୱର,୩୦।୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ଉ ହୋଇ ୫୫ ବୋତଲ ବିଦେଶୀ ମଦ ଓ ସ୍କୁଟି ଜବତ୍ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ସୋର ଥାନା ଅନ୍ତର୍ଗତ ଛତ୍ରପୁର ଅଞ୍ଚଳର ମାର୍କଣ୍ଡ ବେହେରାଙ୍କ ପୁତ୍ର ହରେକୃଷ୍ଣ ବେହେରା (୨୬) ଓ ଜଗବନ୍ଧୁ ଖୁଣ୍ଟିଆଙ୍କ ପୁତ୍ର ସୁବାସ ଖୁଣ୍ଟିଆ(୨୯)। ପର୍ଶ୍ଚିମବଙ୍ଗରୁ ଆସୁଥିବା ବିଦେଶୀ ମଦକୁ ସେମାନେ ବାଲେଶ୍ୱରର ଏକ ଖୁପିଆ ଡିପୋରୁ ନେଇ ସୋର ଅଞ୍ଚଳକୁ ଯାଉଥିବା ବେଳେ ଅବକାରୀ ଟିମ୍ ହାବୁଡ଼ରେ ପଡ଼ିଥିଲେ। ପର୍ଶ୍ଚିମବଙ୍ଗରୁ ଚୋରା ଆମଦାନୀ ମଦ ନେଇ ଏକ ସ୍କୁଟିରେ ସେମାନେ ଯାଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ସେମାନଙ୍କ ପିଛା କରିଥିଲା। ୧୬ ନଂ ଜାତୀୟ ରାଜପଥର ଶେରଗଡ଼ ଛକ ନିକଟରେ ଓଡି୦୧ଏଏଫ/୩୨୩୧ ନଂର ସ୍କୁଟିକୁ ଅଟକାଇ ସେଥିରୁ ଅବକାରୀ କର୍ମଚାରୀମାନେ ୫୫ ଗୋଟି ୭୫୦ ମିଲି ଲିଟିରିଆ ବିଦେଶୀ ମଦ ବୋତଲ ଜବତ୍ କରିଥିଲେ। ମଦଭର୍ତ୍ତି ସ୍କୁଟି ଓ ଗିରଫ ଅଭିଯୁକ୍ତ ଦୁଇଜଣଙ୍କୁ ଅବକାରୀ କାର୍ଯ୍ୟାଳୟକୁ ଆଣି ପଚରାଉଚୁରା ପରେ ଏହି ମଦ ପର୍ଶ୍ଚିମବଙ୍ଗରୁ ଆସୁଥିବା ଅବକାରୀ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଏନେଇ ଏକ ମାମଲା ରୁଜୁ ସହ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo